## ବିଶ୍ୱ ସାଇକେଲ ଦିବସ ପାଳିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ନେହେରୁ ଯୁବକେନ୍ଦ୍ର ଓ ସତ୍ୟସେବକ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଗୋବିନ୍ଦପୁରର ଗ୍ରାମରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ସଭ୍ୟମାନଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର ଓ ମନୋରଞ୍ଜନ ଜଗଦଲା ସହଯୋଗ କରିଥିଲେ। ଏହାକୁ ସୁବଳୟା ଅଞ୍ଚଳର ବିଶିଷ୍ଟ ସ୍ୱେଚ୍ଛାସେବୀ ବିଭୁତି ଭୂଷଣ କୁଦେଇ ଶୁଭାରମ୍ଭ କରିଥିଲେ। ଶେଷରେ ହୃଷୀକେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ନବ ବିବାହିତା ଦମ୍ପତିଙ୍କ ଆତ୍ମହତ୍ୟା

**ପଦ୍ମପୁର/ପାଇକମାଳ, ୩।୬(ଡି.ଏନ.ଏ.):** ବରଗଡ଼ ଜିଲା ଜଗଦଲପୁର ଥାନା ଅଧୀନ ସାପଲହର ଗ୍ରାମରେ ଏକ ନବ ବିବାହିତା ଦମ୍ପତି ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ ପ୍ରଶାନ୍ତ କୁମ୍ଭାର ଓ କ୍ଷୀରପ୍ରିୟା ଜାଲ। ଖବର ପାଇ ଜଗଦଲପୁର ଥାନାଧିକାରୀ ସୁଷମା କୁଅଁର, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ପରେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପଦ୍ମପୁର ତହସିଲଦାର ସଞ୍ଜନ ସେଟଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (୦୪।୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ସାପଲହର ଗ୍ରାମର ପ୍ରଶାନ୍ତ ନିକଟସ୍ଥ ଧୁମାଭଟା ଗ୍ରାମର କ୍ଷୀରପ୍ରିୟା ଭଲ ପାଇ ଗତ ଶିବରାତ୍ରି ପରଠାରୁ ସ୍ୱାମୀ ସ୍ତ୍ରୀ ଭାବେ ରହୁଥିଲେ। ତେବେ ସେମାନେ କାମ ପାଇଁ ତାମିଲନାଡୁ ଯିବେ ବୋଲି ଶୁକ୍ରବାର ସକାଳ ୮ଟାରେ କ୍ଷୀରପ୍ରିୟା ନିଜ ବାପ ଘର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ ଘଣ୍ଟାକ ପରେ କ୍ଷୀରପ୍ରିୟା ଓ ପ୍ରଶାନ୍ତ ଆତ୍ମହତ୍ୟା କରିଥିବା ମହିଳାଙ୍କ ବାପଘର ଲୋକେ ଖବର ପାଇଥିଲେ। ସେମାନେ ଆସି ଉକ୍ତ ଦମ୍ପତି ପ୍ଲାଷ୍ଟିକ ଦଉଡି ବେକରେ ଲଗାଇ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଏହି ଘଟଣାକୁ କ୍ଷୀରପ୍ରିୟାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।

## ବଳଦେବଙ୍କୁ ନିଲମ୍ବନ ଭାଜପା ଉପରେ ପ୍ରଭାବ ପକାଇବ

**ସୋନପୁର,୩।୬(ନି.ପ୍ର.):** ଭାରତୀୟ ଜନତା ପାର୍ଟିର ପ୍ରାକ୍ତନ ସୁବର୍ଣ୍ଣପୁର ଜିଲା ସଭାପତି ବଳଦେବ ପ୍ରସାଦ ବେଦ୍‌ବାକଙ୍କୁ ଦଳ ନିଲମ୍ବନ କରିଛି । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଓ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଗୁରୁବାର ତାଙ୍କୁ ନିଲମ୍ବନ କରାଯାଇଛି । ଏହାକୁ ନେଇ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ବେଦ୍‌ବାକ ଦଳର ଜଣେ ପୁରାତନ ସଦସ୍ୟ। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ । ଏହି ନିଲମ୍ବନ ଜିଲାରେ ଭାଜପା ସଂଗଠନ ଉପରେ ଗଭୀର ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କାରଣ ପେଶାରେ ଆଇନଜୀବୀ ବେଦ୍‌ବାକ ଜଣେ ସୁବକ୍ତା ଓ ଦୃଢ ସଂଗଠକ ଭାବେ ପରିଚିତ । ଛାତ୍ର ଜୀବନରୁ ସେ ରାଷ୍ଟ୍ରବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରେ ଯୋଗ ଦେଇଥିଲେ । ୧୯୮୩ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ପରେ ବଜରଙ୍ଗ ଦଳରେ ଯୋଗ ଦେଇ କାର୍ଯ୍ୟ କରିଛନ୍ତି । ପରେ ଭାଜପାରେ ଯୋଗ ଦେଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଚାଷୀ ଗୁରୁତର

**ଲୋଇସିଂହା,୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କନ୍ଦାଜୁରୀ ଗାଁରେ କେତେକ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି । ସେ ହେଲେ ଗାଁର ଅଇଁଠୁ ରଣା (୫୮)। ଗୁରୁତର ଅବସ୍ଥାରେ ପରିବାର ଓ ଗ୍ରାମବସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି । ଅବସ୍ଥା ସଙ୍କଟାପନ୍ନ ରହିଛି ।

ପ୍ରକାଶ ଯେ, ଅଇଁଠୁ ୬ ଏକର ଜମିରେ ଡାଲୁଅ ଧାନଚାଷ କରିଥିଲେ । ଧାନ ଅମଳ କରି ଗୁରୁବାର ମଡାଇଥିଲେ । ଅମଳ ଧାନ ଅଧା ଘରକୁ ଆଣିଥିଲେ । ସନ୍ଧ୍ୟା ହେବାରୁ ଅଧା ଧାନ ଆଣି ପାରି ନ ଥିଲେ । ଫଳରେ ଗଚ୍ଛିତ ରଖିଥିବା ଧାନ ଜଗିବାକୁ ରାତିରେ ଏକାକୀ ସେଠାରେ ରହିଥିଲେ। ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ସେଠାକୁ ଯାଇ ଗଚ୍ଛିତ ଥିବା ଧାନ ବସ୍ତାକୁ ପିଙ୍ଗା ଫୋପଡା କରିବା ସହ ଅଇଁଠୁଙ୍କୁ ଆତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣ ଯୋଗୁ ତାଙ୍କ ଗୋଡ ଭାଙ୍ଗି ଯାଇଛି ଏବଂ ଡାହାଣ କାନମୁଣ୍ଡାରେ ଗଭୀର ଆଘାତ ଲାଗିଛି। ଶୁକ୍ରବାର ପରିବାର ଲୋକେ ଖେତକୁ ଯାଇ ଧାନବସ୍ତା ଇତଃସ୍ତତ ହୋଇ ପଡିଥିବା ବେଳେ ଅଇଁଠୁ ଲହୁଲୁହାଣ ହୋଇଥିବାର ଦେଖି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିପରି ଏହାର ପୂର୍ବଦିନ ରାତିରେ ଦୁର୍ବୃତ୍ତମାନେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଛେଳି ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। କନ୍ଦାଜୁରୀ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଗ୍ରାମବାସୀ ଚିନ୍ତିତ ହୋଇ ପଡିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଉଦ୍‌ଘାଟିତ ହେଲା ଗନ୍ଧରାଢ଼ୀ ମହୋତ୍ସବ

**ବୌଦ୍ଧ, ୩।୬ (ସ୍ୱ.ପ୍ର.)**



ଗନ୍ଧରାଢୀ ଲୋକକଳା ମହୋତ୍ସବର ପ୍ରଥମ ଦିବସରେ ମଞ୍ଚାସୀନ ଅତିଥି।

ବୌଦ୍ଧ ଜିଲାର ଐତିହାସିକସ୍ଥଳି ଗନ୍ଧରାଢୀ ପୀଠରେ ପ୍ରଥମ ଗନ୍ଧରାଢୀ ଲୋକକଳା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ ବ୍ଲକର ଜଗତିଠାରେ ଥିବା ଏହି ଐତିହାସିକ ପୀଠରେ ଏହି ଲୋକକଳା ମହୋତ୍ସବ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଦିବସ ସକାଳେ କଳସ ଶୋଭାଯାତ୍ରା ମହାନଦୀର ଜଗତି ଘାଟଠାରୁ ଗନ୍ଧରାଢୀ ମନ୍ଦିରକୁ ଆସିବା ପରେ ବିଶ୍ୱଶାନ୍ତି ମଣ୍ଡପଠାରେ ସ୍ଥାପନ କରାଯାଇ ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ବୌଦ୍ଧ ସହରର ମା'ଭୈରବୀ ଓ ବୌଦ୍ଧପୀଠରୁ ମଶାଲ ଶୋଭାଯାତ୍ରା ୫୭ନମ୍ବର ଜାତୀୟ ରାଜପଥ ଦେଇ ଜହ୍ନାପଙ୍କଠାରେ ପହଞ୍ଚିବା ପରେ ସେଠାରୁ ଏକ ସାଂସ୍କୃତିକ ଓ ମଶାଲ ଶୋଭାଯାତ୍ରା ମହୋତ୍ସବ ସ୍ଥାନକୁ ଯାଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ବୌଦ୍ଧ ଜିଲାର କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଜିଲାର ଲୋକନୃତ୍ୟ ପରିବେଷଣ କରିଥିଲେ।

**ପ୍ରଚାରପ୍ରସାର ଅଭାବରୁ ଐତିହାସିକସ୍ଥଳ 'ଗନ୍ଧରାଢୀ'ଅବହେଳିତ**

ନାମ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟ, ଆତସବାଜୀ ଓ ଦୁଲଦୁଲି ବାଜାରେ ରାସ୍ତା କମ୍ପି ଉଠିଥିଲା। ସାଂସ୍କୃତିକ ଶୋଭାଯାତ୍ରା ପହଞ୍ଚିବା ପରେ ପୀଠରେ ବିରାଜମାନ କରିଥିବା ହରି ଓ ହରଙ୍କୁ ନୀତିକାନ୍ତି ମାଧ୍ୟମରେ ପୂଜାଧ୍ୱଜା କରି ଐତିହାସିକ ମହୋତ୍ସବର ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଥିଲା। ଗନ୍ଧରାଢୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଗନ୍ଧରାଢୀ ମହୋତ୍ସବ ଦ୍ୱାରା ପୀଠର ପ୍ରଚାରପ୍ରସାର ହେବା ସହ ଏଭଳି ମହୋତ୍ସବ ଆୟୋଜନ ହୋଇଥିବା ଯୋଗୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ଉର୍ମିଳା ଝାଙ୍କର, ଜିଲାପରିଷଦ ସଭ୍ୟ ଇଂ. ରାକେଶ ତ୍ରିପାଠୀ, ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତର ସରପଞ୍ଚ ଭାରତୀ ପୁରୋହିତ ଯୋଗଦାନ କରି ପୀଠର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ପୀଠରେ ମହୋତ୍ସବ ଆୟୋଜନ ଯୋଗୁ ଏହାର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ହାଡିବନ୍ଧୁ ମହାକୁଡ ଯୋଗଦାନ କରି ପୀଠର ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଏହି ଐତିହାସିକ ପୀଠ ଅବହେଳିତ ବୋଲି କହିଥିଲେ। କମିଟିର ସାଧାରଣ ସମ୍ପାଦକ ଶମ୍ଭୁ ଗିରି ମହୋତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ମହୋତ୍ସବରେ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପ୍ରଣାମ ଅନୁଷ୍ଠାନ ବୌଦ୍ଧ, ବଉଳି ବରପଦର କଣ୍ଟାମାଳ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଦୁଲହାବିହା ଓ ନୁଆଁଖାଇ, କଳାଜୀବୀ ବରଗଡ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଢାପ ନୃତ୍ୟ, ସମ୍ବଲପୁରୀ ଗାୟକ ପ୍ରସନ୍ନ ସାମଲ ଓ ସାଥିଙ୍କ ପକ୍ଷରୁ ଲୋକଗୀତ ଶଗଡଗାଡି ଓ ନୁର ବେଗମ ସୋନପୁର ପକ୍ଷରୁ ଲୋକଗୀତ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଶହଶହ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟଗୀତ ଉପଭୋଗ କରିଥିଲେ। ଲୋକକଳା ମହୋତ୍ସବ ଅଧିକ ଆକର୍ଷଣ କରିବା ପାଇଁ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଓ ମିନାବଜାର ଖୋଲାଯାଇଛି।

## ଗନ୍ଧରାଡି ମହାବିଦ୍ୟାଳୟରେ ବିଶ୍ୱସାଇକେଲ ଦିବସ

**ବାଉଁଶୁଣୀ/ଜହ୍ନାପଙ୍କ,୩।୬(ଡି.ଏନ୍.ଏ.)**

ବୌଦ୍ଧ ଜିଲା ନେହେରୁ ଯୁବ କେନ୍ଦ୍ର ଓ ଜହ୍ନାପଙ୍କ ଗନ୍ଧରାଡି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗନ୍ଧରାଡି ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧାପକ ଅଶୋକ ପାଣ୍ଡିଆ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ନୋମିନି ଦେବାଶିଷ ପୁରୋହିତ, ଗନ୍ଧରାଢ଼ୀ ମହୋତ୍ସବ କମିଟିର ସମ୍ପାଦକ ଶମ୍ଭୁ ଗିରି ଯୋଗଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଅଧାପକ ପ୍ରବୀର ଦାସ, ଖବରଦାତା ସୁଧାଂଶୁ ଶେଖର ମିଶ୍ର, ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । କିଭଳି ଭାବେ ଉତ୍ତମ ପରିବେଶ ଗଠନ କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ମାଧମରେ ବୁଝାଇଥିଲେ। ପ୍ରଦୂଷଣ ରୋକିବା ପାଇଁ ସାଇକେଲ ବ୍ୟବହାର କରିବା ଏବଂ କେବଳ ଅତି ଆବଶ୍ୟକ ହେଲେ ଗାଡି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଆଷ୍ମାନ ମହାକୁଡ଼ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ବାମନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ବୌଦ୍ଧର ସମସ୍ତ କର୍ମକର୍ତ୍ତା, ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବକ ସଂଘର ସଦସ୍ୟ, ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହା ପରେ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସରରୁ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ଜହ୍ନାପଙ୍କ, ନାରାୟଣ ନଗର ଗ୍ରାମ ଦେଇ ଗନ୍ଧରାଡି ମନ୍ଦିରରେ ପହଞ୍ଚିଥିଲେ।

## ଯୁଗ୍ମ ଜନଶୁଣାଣି, ସମାଧାନ ଶିବିର


ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିରରେ ଉପସ୍ଥିତ ଅଧିକାରୀ।

**ବାଉଁଶୁଣୀ, ୩।୬(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସର୍ବମୋଟ ୧୪୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୧୧୭ଟି ବ୍ୟକ୍ତିଗତ, ୨୭ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ମଞ୍ଜୁର କରାଯାଇଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୨୩ଟିର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଅବନୀକାନ୍ତ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଜିଲା ପରିଷଦ ସଭ୍ୟ ଜୋନ ୪ ରାକେଶ ତ୍ରିପାଠୀ, ସରପଞ୍ଚ ଅଇଁଠୁ ମାହାଳିକ, ଜିଲ୍ଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝି, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ବିନୋଦ ଚନ୍ଦ୍ର ନାୟକ, ଏଆର ସିଏସ ମଙ୍ଗଳ ସୋରେନ, ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଉପନିର୍ଦ୍ଦେଶକ ଡ. ହରେକୃଷ୍ଣ ବେହେରା, ବୌଦ୍ଧ ବିଡ଼ିଓ ପ୍ରମୋଦ କୁମାର ମିଶ୍ର, ତହସିଲଦାର ଦେବୀ ପ୍ରସାଦ ଦାଶ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନିଆରା ଢଙ୍ଗରେ ବିଶ୍ୱ ସାଇକେଲ ଦିବସ ପାଳିତ

**ବୌଦ୍ଧ,୩।୬(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ନିଆରା ଢଙ୍ଗରେ ବିଶ୍ୱ ସାଇକେଲ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ୨ଜଣ କର୍ମଚାରୀ ବରିଷ୍ଠ ସହାୟକ ସର୍ବେଶ୍ୱର ଦାନୀ, ଚତୁର୍ଥଶ୍ରେଣୀ କର୍ମଚାରୀ ଶେଷଦେବ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଭୟେ ବର୍ଷ ତମାମ ସାଇକେଲରେ କାର୍ଯ୍ୟାଳୟକୁ ଆସିବା ସହ ସମୟାନୁବର୍ତ୍ତିତା ଏବଂ କର୍ତ୍ତବ୍ୟ ପରାୟଣତା ରକ୍ଷା କରି କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ ପୂର୍ବକ ଘରକୁ ଫେରୁଥିବାରୁ ବିଶ୍ୱ ସାଇକେଲ ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଉପଢୌକନ, ସ୍ମାରକୀ ଓ ମାନପତ୍ର ଦେଇ ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଇକେଲ ଚାଳନା ପାଇଁ ଉତ୍ସାହିତ କରିବା ସହ ସୁସ୍ଥ ଓ ନିରୋଗ ଜୀବନ କାମନା କରିଥିଲେ। ଏହା ଦ୍ୱାରା ଅନ୍ୟ କର୍ମଚାରୀମାନେ ସାଇକେଲ ଚାଳନା ପାଇଁ ପ୍ରୋତ୍ସାହିତ ହେବା ସହିତ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ ଓ ସୁସ୍ଥ ରହିବେ ବୋଲି କର୍ମଚାରୀ ମହଲରେ ମତପ୍ରକାଶ ପାଇଛି। ଜିଲା ପ୍ରଶାସନ ପକ୍ଷରୁ ସାଇକେଲ ଚାଳନା କରୁଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ସାଇକେଲ ଚାଳନା କରୁଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସାଇକେଲରେ କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା**

## ଦେବୀ ଦୁର୍ଗାଙ୍କ ନୂତନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା

**ବୌଦ୍ଧ, ୩।୬ (ସ୍ୱ.ପ୍ର.)**

ବୌଦ୍ଧ ସହରର ରଘୁନାଥ ମନ୍ଦିର ପରିସରରେ ମା' ଦୁର୍ଗାଙ୍କ ନୂତନ ବିଗ୍ରହ ଓ ନବନିର୍ମିତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ବିଗ୍ରହ ପ୍ରତିଷ୍ଠା ଶୁକ୍ରବାର ଶେଷ ହୋଇଛି। କମିଟିର କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଶ୍ରୀନିବାସ ମିଶ୍ର ଓ ନିଲୁ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ପଣ୍ଡିତ ଗୋପୀନାଥ ପଣ୍ଡା, ରଞ୍ଜିତ ହୋତା, ବ୍ରହ୍ମା ଶତପଥି, ଦିଲ୍ଲୀପ କୁମାର ପଣ୍ଡା ବୈଦିକ ରୀତିରେ ପ୍ରତିଷ୍ଠା କରିଥିଲେ। ତିନିଦିନ ବ୍ୟାପି ବିଶ୍ୱଶାନ୍ତି ଯଜ୍ଞ ଓ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ମହାପାତ୍ର, କୁନା ବାଘ, ଦେବାଶିଷ ପଟ୍ଟନାୟକ, ଅରୁଣ କୁମାର ମେଣ୍ଡୁଲି ପରିଚାଳନା କରିଥିଲେ।

## ପ୍ୟାକ୍ସ ପରିଦର୍ଶନ କଲେ ଜିଲାପାଳ

**ଡୁଙ୍ଗୁରିପାଲ,୩।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ମାୟାବରାହା ଓ ରାମପୁର ପ୍ୟାକ୍ସକୁ ଗୁରୁବାର ଜିଲାପାଳ ଅବୋଲି ସୁନିଲ ନରୱଣେ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସେଠାରେ ଧାନ ବିକ୍ରି କିପରି ଚାଲିଛି ଚାଷୀଙ୍କୁ ପଚାରି ବୁଝିଥିଲେ। ଚାଷୀମାନେ ପ୍ୟାକ୍ସକୁ ଧାନ ଆଣିବା ଓ ମିଲର୍ସ ଯେପରି ଶୀଘ୍ର ଧାନ ନେବେ ସେ ଉପରେ ମାୟାବରାହା ପ୍ୟାକ୍ସ ସମ୍ପାଦକ ଭଗବାନ ପଧାନଙ୍କୁ ପଚାରି ଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଓ ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ ଉପସ୍ଥିତ ଥିଲେ।


ଜିଲାପାଳ ପ୍ୟାକ୍ସ ପରିଦର୍ଶନ କରୁଛନ୍ତି ।

## ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତି ବୈଠକ


ବ୍ରାହ୍ମଣ ସମାଜର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**ବୌଦ୍ଧ,୩।୬ (ସ୍ୱ.ପ୍ର.)**

ଜୁନ ୧୪ ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ମହାପ୍ରଭୂଙ୍କ କାର୍ଯ୍ୟକ୍ରମକୁ ନୀତିକାନ୍ତି ସହିତ ପାଳନ କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଗୁରୁପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ଗତ ଦୁଇବର୍ଷ ଧରି ମହାପ୍ରଭୂଙ୍କ ଯାତ୍ରା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମହାସମାରୋହରେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରାପାଣି ମହାନଦୀରୁ ଆଣି ପୂଜା, ଯଜ୍ଞ ଓ ଶ୍ରୀଜଗନ୍ନାଥ ସହସ୍ରନାମ ପାଠ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟକରିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାଉସୀ ମା' ମନ୍ଦିରରେ ଏକ ସପ୍ତାହ ବ୍ୟାପୀ ଯଜ୍ଞ କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ଦିନ ବେଦପାଠ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଲୀଳାର ପ୍ରଚାର ପ୍ରସାର ପାଇଁ ବକ୍ତୃତା, ଭଜନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ବୈଠକରେ ଷଷ୍ଠ ପୁରୋହିତ, ସନତ୍ କୁମାର ମିଶ୍ର, ଅଭିନାଶ ମିଶ୍ର, ସତ୍ୟଜିତ୍ ମିଶ୍ର, ଦିପୀ ପୁରୋହିତ, ସୂର୍ଯ୍ୟ ପଣ୍ଡା ପ୍ରମୁଖ ପ୍ରସ୍ତାବ ପ୍ରଦାନ କରିଥିଲେ।

## ଗରିବଙ୍କ ବିକାଶ ଉପରେ ପ୍ରାଥମିକତା

**ସୋନପୁର,୩।୬(ନି.ପ୍ର.)**


ସମ୍ମିଳନୀରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜନତା ପାର୍ଟି ଦେଶରେ ଜନଜାଗରଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜୁନ୍ ୧ ତାରିଖରୁ ୧୫ ଦିନ ବ୍ୟାପି ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଏହି କ୍ରମରେ ଶୁକ୍ରବାର ସୋନପୁରଠାରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଓ ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭାଜପାର ପ୍ରାକ୍ତନ ରାଜ୍ୟ ସଭାପତି ତଥା ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମ୍ମିଳନୀରେ ଯୋଗଦେଇ କହିଥିଲେ ଯେ, ମୋଦିଙ୍କ ସରକାରରେ ଗରିବଙ୍କ ବିକାଶକୁ ପ୍ରାଥମିକତା ଦିଆଯାଇଛି । ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ଯୋଗାଯୋଗ, କୃଷି, ବନୀକରଣ, ଇନ୍ଧନ ଗ୍ୟାସ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ଜଳସେଚନ, ପରିମଳ ଓ ବାସସ୍ଥାନ ନିର୍ମାଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। କିନ୍ତୁ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ବାଟମାରଣା କରୁଥିବା ଦଳ ଅଭିଯୋଗ କରିଛି। ୨୦୧୪ ପୂର୍ବରୁ ଦେଶରେ ମାତ୍ର ୭ଟି ଏମ୍ସ ଥିବା ବେଳେ ମୋଦି ଆସିବା ପରେ ୮ଟି ନୂତନ ଏମ୍ସ ନିର୍ମାଣ ହୋଇପାରିଛି। ସେହିପରି ରାଜ୍ୟରେ ନୂତନ ମେଡିକାଲ କଲେଜ ନିର୍ମାଣ ପାଇଁ ବିପୁଳ ପରିମାଣର ଅନୁଦାନ ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ଗୁରୁତ୍ୱ ମିଳିଛି। କୋଭିଡ ମହାମାରୀକୁ ସଫଳତାର ସହ ମୁକାବିଲା କରା ଯାଇ ପାରିଛି। ସମସ୍ତଙ୍କୁ ମାଗଣା ଟିକାକରଣ ସହ ସୁବର୍ଣ୍ଣପୁର ଜିଲାରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ହୋଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲକ୍ଷାଧିକ ଗରିବ ଲୋକଙ୍କୁ ଟଙ୍କାକିଆ ଚାଉଳ/ଗହମ ପ୍ରଦାନ ସହ କୋଭିଡ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣାରେ ଚାଉଳ ଯୋଗାଇ ଦିଆଯାଇଛି। କେନ୍ଦ୍ର ସରକାର ସହରର ଉଠା ଦୋକାନୀଙ୍କୁ ୩ଟି କିସ୍ତିରେ ୩ ହଜାର ଟଙ୍କା ଲେଖାଏ କୋଭିଡ ସହାୟତା ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଅନୁଦାନରେ ସୋନପୁର ଓ ଡୁଙ୍ଗୁରିପାଲି ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି । ଜାତୀୟ ରାଜପଥ ନିର୍ମାଣ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଚାଷୀଙ୍କ ନିକଟରୁ ଖରିଫ ଓ ରବିରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣାଯାଉଛି। ସହର ଓ ଗ୍ରାମାଞ୍ଚଳରେ ଗରିବଙ୍କୁ ଘର ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ବ୍ୟାପକ ଅନୁଦାନ ଆସିଛି । ତେବେ ରାଜ୍ୟ ସରକାର ଯୋଜନାକୁ ହଡପ କରିବାକୁ ଉଦ୍ୟମ କରୁଛନ୍ତି। ହିତାଧିକାରୀଙ୍କ ଘର କାନ୍ଥରେ ବିଜୁ ପକ୍କା ଘର ବୋଲି ଫଳକ ଲଗା ଯାଉଛି। ଅନ୍ୟପକ୍ଷେ ୨୦୧୭ ମସିହାରୁ ରାଜ୍ୟ ସରକାର ବଜେଟ୍‌ରେ ବିଜୁ ପକ୍କା ଘର ଯୋଜନାରେ ଟଙ୍କା ଟିଏ ବ୍ୟୟବରାଦ କରିନାହାନ୍ତି ବୋଲି ଭାଜପା ନେତା ସିଂହଦେଓ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟର ବିଦ୍ୟାଳୟଗୁଡିକରେ ପାଠ ପଢାଇବା ପାଇଁ ଆବଶ୍ୟକ ଶିକ୍ଷକ ନ ଥିବା ବେଳେ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି । ଚାଷୀ ଧାନ ବିକ୍ରି କରିବାକୁ ହଇରାଣ ହେଉଛି। ଏଭଳି ସ୍ଥିତିରେ ୫-ଟି କଥା କହି ଡିଣ୍ଡିମ ପିଟାଯାଉଛି ବୋଲି ସିଂହଦେଓ କହିଥିଲେ। ସମ୍ମିଳନୀରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ସଭାପତି ଆନନ୍ଦ ବାରିକ, ଉଷା କୁମାରୀ, ପ୍ରାକ୍ତନ ଜିଲା ସଭାପତି ବିଜୟ ମହାକୁର, ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ, ନଳିନୀ ପଣ୍ଡା ଓ ନଗର ସଭାପତି ଜ୍ୟୋତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖର୍ସନମାଲ ପଞ୍ଚାୟତରେ ସିଇଓ ତାଲିମ ଶିବିର**

ଜମନକିରା (ଡି.ଏନ.ଏ.)- ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତରେ ୫ ଦିନିଆ ସେଣ୍ଟର୍ ଅଫ ଏକ୍ସେଲେନ ବା ସିଇଓ ତାଲିମ ଶିବିର ଆରମ୍ଭ ହୋଇଛି। ଜିଲାସ୍ତରୀୟ ତାଲିମଦାତା ତପଶନି ଅମନ୍ତ ତାଲିମ ଦେଉଛନ୍ତି। ଏଥିରେ ୭ଜଣ ସିଆର୍‌ପି ଓ ୨୧ ଜଣ ସଦସ୍ୟ ତାଲିମ ନେଉଛନ୍ତି। ଶିବିର ଉଦ୍‌ଘାଟନ ବେଳେ ଜମନକିରା ବ୍ଲକର ବିପିଏମ୍ ଅବଦୁଲ ଫିଦା କରିମ, ବିଏଲ୍‌ଟି ସଂଗ୍ରାମ ସାହୁ, ଖର୍ସନମାଲ ସରପଞ୍ଚ ମାୟାବତୀ ମୁଣ୍ଡା ଓ ସମିତି ସଭ୍ୟ ସୁଲିଲ ମିର୍ଦ୍ଧା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସୋମନାଥ ବାବାଙ୍କ ବରାତି, ବାଲିବନ୍ଧା, ସମୟ- ରାତି ସାଢ଼େ ୮ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ନନ୍ଦପଡ଼ା, ରାତି ୯ଟା।
- ଲୋକନାଥ ବାବାଙ୍କ ବରାତି, ଝାଡୁଆପଡ଼ା, ରାତି ସାଢ଼େ ୧୧ଟା।
- ଜାଗେଶ୍ୱର ବାବାଙ୍କ ବରାତି, ମୁଦିପଡ଼ା, ସାଢ଼େ ୧୧ଟା।
- ଶୀତଲେଶ୍ୱର ବାବାଙ୍କ ବରାତି, ରିଂ ରୋଡସ୍ଥିତ ମନ୍ଦିର ସମ୍ମୁଖ, ରାତି ୭ଟା
- ଗୁପ୍ତେଶ୍ୱର ବାବାଙ୍କ ବରାତି, ଠାକୁରପଡ଼ା, ରାତି ୯ଟା।
- ବୁଢ଼ାରଜା ମହାଦେବଙ୍କ ବରାତି, ବୁଢ଼ାରଜା, ରାତି ୮ଟା।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୫୦ ହଜାର ଲୁଟ୍

**ଜମନକିରା,୩।୬(ଡି.ଏନ.ଏ.):** ଜମନକିରା ଥାନା ବସଷ୍ଟାଣ୍ଡ ନିକଟରୁ ଶୁକ୍ରବାର ଏକ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୫୦ ହଜାର ଟଙ୍କା ଲୁଟିନେଇଛନ୍ତି। ଅଭିଯୋଗ ଅନୁସାରେ ଲାଡଙ୍ଗପାଲି ଗ୍ରାମର ଖତୁ ବାଗ ନାତି ରମାକାନ୍ତ ବାଗଙ୍କ ସହ ଜମନକିରା କୋଅପରେଟିଭ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥଲେ। ଉଭୟ କୌଣସି କାମ ପାଇଁ ବସ୍‌ଷ୍ଟାଣ୍ଡ ନିକଟ ଚୂଡ଼ାମଣି ମୋବାଇଲ ଦୋକାନରେ ଅଟକିଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ସହ କାଗଜପତ୍ର ନେଇଯାଇଥିଲେ। ରମାକାନ୍ତ ପିଛା କରିଥିଲେ ମଧ ପଛପଟୁ ଆସୁଥିବା ଅନ୍ୟ ଏକ ବାଇକ୍‌ରେ ଯୁବକ ଜଣକ ଫେରାର ହୋଇଯାଇଥିଲେ। ଏ ନେଇ ଖତୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୩।୬:** ରାଉରକେଲା ମାଲଗୋଦାମ ନିକଟରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ପାଖାପାଖି ୫୦ରୁ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ସାଢେ ୭ଟା) ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ଶୁକ୍ରବାର ସକାଳ ସାଢେ ୮ଟାରେ ମାଲଗୋଦାମ ରେଳଧାରଣା ଡାଉନ୍ ଲାଇନ୍‌ରେ ଜଣେ ଯୁବକଙ୍କ ମୃତଦେହ ପଡିଥିଲା। ଖବର ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୬।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ରେଲୱେ ଲାଇନ ପାରି ହେଉଥିବାବେଳେ ତାଙ୍କୁ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।

### ଗାମୁଛା ବାନ୍ଧି ଡ୍ରାଇଭରଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୩।୬:** ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଟାଇଁସର ଅଞ୍ଚଳରେ ଜଣେ ଡ୍ରାଇଭର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଲଳିତ କେରକେଟ୍ଟା(୪୦)। ପୋଲିସ ଶୁକ୍ରବାର ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୨।୨୨) ରୁଜୁ କରି ତଦନ୍ତ ଚଳାଇଛି। ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପେଟଲିଟୋଲି ଅଞ୍ଚଳର ଲଳିତ ଟାଇଁସର ସ୍ଥିତ ଜୟ ବାଲାଜୀ ଷ୍ଟିଲରେ ଟ୍ରକ୍ ଡ୍ରାଇଭର ଭାବେ କାମ କରନ୍ତି। ସେ ଗୁରୁବାର ସକାଳେ 'ଏ' ସିଫ୍ଟ ଡ୍ୟୁଟି ସାରି କାରଖାନାର ଷ୍ଟାଫ୍ କ୍ୱାର୍ଟର୍ସକୁ ଯାଇଥିଲେ। ବିଳମ୍ବିତ ରାତିରେ ସେଠାରେ ସେ ପଙ୍ଖାରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ।

### ତାର ବାଡ଼ ଚୋରି: ଜଣେ ଗିରଫ

**ରାଉରକେଲା ଅଫିସ,୩।୬:** ସ୍କୁଲର ତାରବାଡ ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନିଲ ଲାକ୍ରା(୩୪)। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ୩ ବଣ୍ଡଲ ଲୁହା ତାର ଜବତ କରାଯାଇଛି। ବେଦବ୍ୟାସ ଖଡିଆ ବସ୍ତିର ସୁନିଲ ଗତ ୨୭ ତାରିଖରେ ବେଦବ୍ୟାସ ପ୍ରାଇମେରି ସ୍କୁଲର ତାର ବାଡ ଚୋରି କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବିଶ୍ୱାଳ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୬।୨୨) ରୁଜୁ କରି ତଦନ୍ତ କରିଥିଲା।

# ଦେବଦେବୀଙ୍କୁ ନିଉତା ଦେଲେ ହନୁମାନ

**ଲୋକବାଦ୍ୟରେ ଦୁଲୁକିଲା ସହର**

<u>ସମ୍ବଲପୁର,୩।୬ (ବ୍ୟୁରୋ)</u>

ଜଗତ୍‌ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ଉତ୍ସବ ଚାଲିଛି। ଶନିବାର ରାତ୍ରିରେ ଭକ୍ତଙ୍କ କାନ୍ଧରେ ଦେବ ଦେବ ମହାଦେବ ବରାତିରେ ବାହାରିବେ। ଶନିବାର ମାହେନ୍ଦ୍ର ବେଳାରେ ଦେବଦମ୍ପତିଙ୍କ ବିବାହ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ବିବାହରେ ସାମିଲ ହେବାକୁ ଦେବଦେବୀଙ୍କୁ ଶୁକ୍ରବାର ରାତିରେ ପରମ୍ପରାନୁସାରେ ବୀର ହନୁମାନ ନିଉତା (ଗୁଆଗୁଁଡା) ଦେଇଛନ୍ତି। ଝାଡୁଆପଡା ଲୋକନାଥ ବାବା, ମୁଦିପଡା ଜାଗେଶ୍ୱର ବାବା, ବଡବଜାର ଶୀତଲେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା, ବୁଢାରଜା ମହାଦେବ, ଦୁର୍ଗାପାଲି ଗୁଡେଶ୍ୱର ବାବା ଓ ବାଲିବନ୍ଧା ସୋମନାଥ ବାବା ଏବଂ ମାତା ପାର୍ବତୀ ବିବାହୋତ୍ସବରେ ଯୋଗଦେବାକୁ ହନୁମାନ ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି।

ଏହି କ୍ରମରେ ଝାଡୁଆପଡା ଆରଣ୍ୟକ ଯାତ୍ରା କମିଟି ପଣ୍ଡିତ ମହେନ୍ଦ୍ର ପୂଜାରୀ ମହାଆଳତି ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ରାମନାଥ ମହାପାତ୍ର ରୌପ୍ୟ ଖଚିତ ପରାତରେ ଗୁଆଁଗୁଡା ସାମଗ୍ରୀ ଧରି ମନ୍ଦିରରୁ ବାହାରିଥିଲେ। ବରପିତା ସନ୍ତୋଷ ସୂପକାରଙ୍କ ସହ ଯାତ୍ରା କମିଟି କର୍ମକର୍ତ୍ତା ଓ ଭକ୍ତମାନେ ହନୁମାନ ନିଉତା ଶୋଭାଯାତ୍ରାରେ ସାମିଲ ଥିଲେ। ଦେବଦେବୀଙ୍କ ପୀଠରେ ପହଞ୍ଚି ପଇତା, ହଳଦୀ, ନୂଆବସ୍ତ୍ର, ମିଷ୍ଟାନ୍ନ ଓ ଗୁଆ ଅର୍ପଣ କରାଯାଇଥିଲା ସେହିପରି ମୁଦିପଡା ବରପିତା ମଧୁସୂଦନ ନେଗି, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଗୋବିନ୍ଦ ପଣ୍ଡା ଅଞ୍ଚଳର ଲକ୍ଷ୍ମୀ, ଗଣେଶ, ଦୁର୍ଗା, ବୈଷ୍ଣଦେବୀ, ରାମଲକ୍ଷ୍ମଣ ସୀତା, ଶନି, ରାଧାକୃଷ୍ଣ, ଭୈରବି, ହନୁମାନ ଓ ଜଗନ୍ନାଥ ମନ୍ଦିରରେ ନିଉତା ଦେଇଥିଲେ। ମନ୍ଦିର ପୂଜକ ସଞ୍ଜୟ ବଡମାଲି ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ବଡବଜାର ଯାତ୍ରା କମିଟି କର୍ମକର୍ତ୍ତା ଓ ସଭ୍ୟ ଏଥିରେ ସାମିଲ ହୋଇଥିଲେ। ବୀର ହନୁମାନ ସୁସଜ୍ଜିତ ରଥରେ ଆରୁଢ଼ ହୋଇ ଶୀତଳେଶ୍ୱର ବାବାଙ୍କ ପୀଠରୁ ବାହାରି ଅଞ୍ଚଳ ପରିକ୍ରମା କରିଥିଲେ । ରାମଜୀଗୁଡି ଛକସ୍ଥିତ କୁଠା ଜଗନ୍ନାଥ, ରାମ ମନ୍ଦିର, ପାଟଣେଶ୍ୱରୀ, ସମଲେଶ୍ୱରୀ, ବଡବଜାର ନୃସିଂହ ମହାପ୍ରଭୁ, ଧୁବାପଡା ଘିକୁଣ୍ଡି ମନ୍ଦିର, କୁଷ୍ଠାପଡା ରାଧାକୃଷ୍ଣ ମନ୍ଦିର, ମାଳିପଡା ଜଗନ୍ନାଥ ମନ୍ଦିରରେ ନିମନ୍ତ୍ରଣ ଦେଇଥିଲେ। ଠାକୁରପଡା ଯାତ୍ରା କମିଟି ସଭାପତି ଶିବ ପ୍ରଧାନଙ୍କ ପରିଚାଳନାରେ ନିଉତା କାର୍ଯ୍ୟକ୍ରମ ହୋଇଥିଲା। ହନୁମାନ ଭକ୍ତଙ୍କ ଗହଣରେ ଯାଇ ଠାକୁରପଡା, ଦଶମତି କଲୋନୀ, ଗୋପାଲମାଲ, କୁଲୁତାଦାନୀପାଲି, ବେହେରାମୁଣ୍ଡ, ପାଞ୍ଚଗଛିଆ ଅଞ୍ଚଳର ଦେବଦେବୀଙ୍କୁ ନିଉତା ଦେଇଥିଲେ ।



ଠାକୁରପଡା ଗୁପ୍ତେଶ୍ୱର ପୀଠରୁ ହନୁମାନ ନିଉତା ଦେବାକୁ ବାହାରିଛନ୍ତି ।

## ଦୋକାନରେ ପଶି ହାତଗୋଡ଼ ବାନ୍ଧି ଡକାୟତି

<u>ସମ୍ବଲପୁର,୩।୬ (ବ୍ୟୁରୋ)</u>

ସମ୍ବଲପୁର ଜିଲା ଧନୁପାଲି ଥାନା ସିଟି ଷ୍ଟେଶନର ଏକ ଦୋକାନରୁ ଶୁକ୍ରବାର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ମାଲିକଙ୍କ ହାତଗୋଡ ବାନ୍ଧି ଡକାୟତି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନା ଅନୁସାରେ ଅପରାହ୍ନରେ ପ୍ରାୟ ୬ରୁ ୭ ଜଣ ଦୁର୍ବୃତ୍ତ ମୁଖାପିନ୍ଧି ଦୋକାନ ଭିତରକୁ ପ୍ରବେଶ କରିଥିଲେ। ସେମାନେ ଦୋକାନ ମାଲିକଙ୍କୁ ମାରପିଟ କରିବା ସହ ହାତ ଗୋଡ ବାନ୍ଧିଦେଇଥିଲେ। ପରେ ଟଙ୍କା ଓ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ପରିବାର ଓ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି। ଏ ସମ୍ପର୍କରେ ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ କହିଛନ୍ତି, ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

# ୯ ଲ୍ୟାମ୍ପ୍ସରେ ୬୪ ଡାଇରେକ୍ଟର ପଦ ପାଇଁ ୧୫୦ ପ୍ରାର୍ଥୀ

**ସମବାୟ ସମିତି ନିର୍ବାଚନ**

<u>କୁଚିଣ୍ଡା,୩।୬(ଡି.ଏନ.ଏ.)</u>

କୁଚିଣ୍ଡା ଉପଖଣ୍ଡ ଅଧୀନ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୯ଗୋଟି ଲ୍ୟାମ୍ପ୍ସ (ସମବାୟ ସମିତି)ର ଡାଇରେକ୍ଟର ପଦ ପାଇଁ ଆସନ୍ତା ୧୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତ୍ୟେକ ଲ୍ୟାମ୍ପ୍ସ ପାଇଁ ୧୫ଜଣ ଲେଖାଏ ମୋଟ ୧୩୫ ଡାଇରେକ୍ଟର ପଦ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ତନ୍ମଧ୍ୟରୁ ୬୭ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଓ ୪ଆସନ ପାଇଁ କେହିହେଲେ ନାମାଙ୍କନ ଦାଖଲ କରି ନ ଥିବା ଜଣାଯାଇଛି। ମୋଟ ୭୦୮୧ ଜଣ ଭୋଟର ୬୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କୁଚିଣ୍ଡା ବ୍ଲକର କୁଚିଣ୍ଡା ଲ୍ୟାମ୍ପ୍ସରେ ୭ଜଣ ନିର୍ଦ୍ୱନ୍ଦ୍ୱରେ ନିବାଚିତ ହୋଇଥିବା ବେଳେ ୮ଆସନ ପାଇଁ ୨୩୯ ଭୋଟର ୨୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କୁସୁମୀ ଲ୍ୟାମ୍ପ୍ସରେ ୧୦ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ୪୪୨ଭୋଟର ବାକିଥିବା ୪ଆସନ ପାଇଁ ୮ପ୍ରାର୍ଥୀଙ୍କୁ ମତଦାନ କରିବେ। ଏହି ସମିତିର ଗୋଟିଏ ଆସନ ପାଇଁ କେହି ହେଲେ ନାମାଙ୍କନ କରିନାହାନ୍ତି। ସେହିପରି ବାମରା ବ୍ଲକର ଗୋବିନ୍ଦପୁର ଲ୍ୟାମ୍ପ୍ସରେ ୮ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୩୧୦ ଭୋଟର ବାକିଥିବା ୫ଆସନ ନିମନ୍ତେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩୧୦ ଜଣ ଭୋଟର। ଏହି ସମିତିର ୨ଗୋଟି ପଦବୀ ପାଇଁ ନାମାଙ୍କନ ହୋଇ ନ ଥିବାରୁ ତାହା ଖାଲି ପଡିଛି। ଗଡପୋଷ ଲ୍ୟାମ୍ପ୍ସରେ ୯ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୬ଆସନ ପାଇଁ ୧୨ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩୫୮ଭୋଟର। କେଶାଇବାହାଲ ଲ୍ୟାମ୍ପ୍ସରେ ୧୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ବାକିଥିବା ଗୋଟିଏ ଆସନ ପାଇଁ କେହି ନାମାଙ୍କନ କରି ନ ଥିବାରୁ ଏଠାରେ ନିର୍ବାଚନ ହେବ ନାହିଁ। ଜମନକିରା ବ୍ଲକର ଜମନକିରା ଲ୍ୟାମ୍ପ୍ସରେ ଜଣେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୨୮୯୦ ଭୋଟର ୧୪ ଆସନ ପାଇଁ ଲଢୁଥିବା ୩୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କୁଲୁଣ୍ଡି ଲ୍ୟାମ୍ପ୍ସରେ ୫ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ବାକିଥିବା ୧୦ ଆସନ ନିମନ୍ତେ ୨୧ପ୍ରାର୍ଥୀଙ୍କୁ ୧୧୨୧ଭୋଟର ମତଦାନ କରିବେ। ସେହିପରି ଫାଶିମାଲ ଲ୍ୟାମ୍ପ୍ସରେ ୩ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୧୨ଆସନ ପାଇଁ ୧୬୦୮ ଭୋଟର ୨୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ସମବାୟ ସୂତ୍ରରୁ ଜଣାପଡିଛି।

# 'ଅଧୁରା ସ୍ୱପ୍ନ ସାକାର କରିବେ'



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଦଳୀୟ ନେତୃବୃନ୍ଦ।

<u>ଝାରସୁଗୁଡ଼ା ଅଫିସ,୩।୬</u>

ବ୍ରଜରାଜନଗର ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ବିଜୟୀ ହୋଇଛନ୍ତି। ଏ ନେଇ ଜିଲା ବିଜେଡି ତରଫରୁ ସହରର ଏକ ହୋଟେଲରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ମେୟର ତଥା ଜିଲା ପର୍ଯ୍ୟବେକ୍ଷକ ସୁବାସ ସିଂ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ବିଜେଡି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଲଖନପୁର ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଖଡିଆ, ବିଜେଡି ଲଖନପୁର ବ୍ଲକ୍ ସଭାପତି ରବିରତ୍ନ ପ୍ରଧାନ ଓ ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପର୍ଯ୍ୟବେକ୍ଷକ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ରାଜନୀତିରେ ବ୍ରଜରାଜନଗରବାସୀ ଭରସାକରି ଦଳୀୟ ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ବିପୁଳ ଭୋଟରେ ବିଜୟୀ କରିଛନ୍ତି। ଏଥିପାଇଁ ସେ ବ୍ରଜରାଜନଗରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବିଜୟୀ ପ୍ରାର୍ଥିନୀ ମହାନ୍ତି ତାଙ୍କ ସ୍ୱାମୀ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଧୁରା ସ୍ୱପ୍ନକୁ ସାକାର କରି ଅଞ୍ଚଳର ବିକାଶ କରିବେ ବୋଲି ସେ କହିଛନ୍ତି।

# ୧୩ରେ ପାଣ ସମାଜର ବାର୍ଷିକ ସମ୍ମିଳନୀ



ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

<u>କୁଚିଣ୍ଡା,୩।୬(ଡି.ଏନ.ଏ.)</u>

କୁଚିଣ୍ଡା ବ୍ଲକ ଟାଇଁସର, ହାଡିପାଲି ଓ ଚନ୍ଦନିମାଲଠାରେ ଲକ୍ଷେଘର ପାଣ ସମାଜର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟାଇଁସରଠାରେ ହୋଇଥିବା ବୈଠକରେ ପଞ୍ଚାୟତ ସଭାପତି ଗଦାଧର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସଭାପତି ସୋମବାରୁ ବୁଡ଼ା ଓ ସମ୍ପାଦକ ଲିଙ୍ଗରାଜ ବାଘ ଅତିଥି ଭାବେ ଯୋଗଦେଇ ଆସନ୍ତା ୧୩ତାରିଖ କୁଚିଣ୍ଡା ଟାଉନହଲଠାରେ ହେବାକୁ ଥିବା ବ୍ଲକସ୍ତରୀୟ ବାର୍ଷିକ ସମ୍ମିଳନୀ ସଫଳ କରିବାକୁ ଆହ୍ୱାନ କରିଥିଲେ। ଏହାଛଡା ଉକ୍ତ ସମ୍ମିଳନୀରେ ପ୍ରସ୍ତୁତ ହୋଇ ରହିଥିବା ସମାଜର ସମ୍ବିଧାନ (ନିୟମାବଳୀ) ଉନ୍ମୋଚନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଟଙ୍କଧର ବାଘ, ଦିବ୍ୟ ବାଦୀ, ଗିରିଜା ପ୍ରସାଦ ପାତ୍ର, ଭୀଷ୍ମ ମହାନନ୍ଦଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ହାଡିପାଲି ପଞ୍ଚାୟତର କିଣ୍ଡିରାଠାରେ ହୋଇଥିବା ପାଣ ସମାଜ ବୈଠକରେ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସଭାପତି ଓ ସମ୍ପାଦକ ଯୋଗଦେଇ ସଂଗଠନ, ବ୍ଲକ ସମ୍ମିଳନୀ ଓ ସାମାଜିକ ସମ୍ବିଧାନ ଉପରେ ଆଲୋଚନା କରିଥିଲେ। ଏଥିରେ ବକ୍ସମା ପଞ୍ଚାୟତ ସଭାପତି ସୁଜିନ ଜର୍ଜଆ, ଟିକେଶ୍ୱର ହଂସ, ଗଣେଶ ହଂସ, ଝସକେତନ ଜୟପୁରିଆ, ନରେଶ ଭଞ୍ଜ, ବିଷ୍ଣୁ ଭଞ୍ଜ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମ୍ପାଦକ ସନାତନ କୁସୁମ ଧନ୍ୟବାଦ ଦେଇଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ବ୍ୟବସାୟିକ ବିକାଶ ବୈଠକ

<u>ସମ୍ବଲପୁର:୩।୫(ବ୍ୟୁରୋ)</u>

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ର ପକ୍ଷରୁ ବ୍ୟବସାୟିକ ବିକାଶ ବୈଠକ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଛି। ମୁମ୍ବାଇସ୍ଥିତ କାର୍ଯ୍ୟାଳୟର ଫାଇନାନ୍ସ ଅଫିସର ତଥା ମହାପ୍ରବନ୍ଧକ ମୁକୁଲ ଏନ୍ ଦାଣ୍ଡିଗେ ଓ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ସୁରେଶ କୁମାର ଝା ବୈଠକରେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଶିଳ୍ପ ଅଧିକାରୀ ଓ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଚାଉଳ ଶିଳ୍ପର ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ ଲାଭଦାୟକ ବ୍ୟାଙ୍କ ଉତ୍ପାଦ ଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା, ଯାହା ବ୍ୟାଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ ମୂଲ୍ୟରେ ଉପଲବ୍ଧ। ଉପସ୍ଥିତ ଥିବା ଚାଉଳ ମିଲ୍‌ର ମାଲିକ ଓ ଗ୍ରାହକ ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଖ୍ୟ ପ୍ରବନ୍ଧକ ବି.କେ. ସ୍ୱାଇଁ, ଶ୍ରଦ୍ଧାକର ନାଏକ ବୈଠକରେ ଉପସ୍ଥିତ ଥିଲେ।

# ସରାପାଲିରେ ବିଶ୍ୱ ସାଇକେଲ ଦିବସ



ସାଇକେଲ ଶୋଭାଯାତ୍ରାରେ ଭାଗନେଇଥିବା ଛାତ୍ରୀଛାତ୍ର।

<u>ନାକଟିଦେଉଳ,୩।୬(ଡ଼ି.ଏନ.ଏ.)</u>

ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗ୍ରାମର ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ସହଯୋଗରେ ଶୁକ୍ରବାର ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରଦୀପ ବିଶ୍ୱାଳଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ର ଗ୍ରାମ ପରିକ୍ରମା କରିଥିଲା। ଏଥିରେ ପ୍ରାୟ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୁବକ ସଂଘ ଉପସଭାପତି ସହଦେବ ଚନ୍ଦନ ଓ ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ଭୂଷଣ ପକ୍ଷରୁ ଜରୁରିକାଳୀନ ମକ୍‌ଡ୍ରିଲ

<u>ସମ୍ବଲପୁର,୩।୬(ବ୍ୟୁରୋ)</u>

ଜେଏସ୍‌ଡବ୍ଲ୍ୟୁ ଭୂଷଣ ପକ୍ଷରୁ ଜରୁରିକାଳୀନ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କାରଖାନା ଓ ବଏଲର ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା, ଆସିଷ୍ଟାଣ୍ଟ ଡାଇରେକ୍ଟର ଉମାକାନ୍ତ ସାମନ୍ତରାୟ, ସମ୍ବଲପୁର ଜିଲା ଜରୁରିକାଳୀନ ଅଧିକାରୀ ପି. ମହାରଣା, ଶ୍ରୀପୁରା ସରପଞ୍ଚ ଯଶୋବନ୍ତି ପାଣ୍ଡେ, ନିର୍ଦ୍ଦେଶକ ଅନିଲ କୁମାର ସିଂ, କମ୍ପାନୀ ସିଓଓ ଉମେଶ ରାୟ, କାରଖାନା ପରିଚାଳକ ଉମେଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଧିଗତ ଆବଶ୍ୟକତା ଅନୁଯାୟୀ ସରକାରୀ ଅଧିକାରୀ, ସ୍ଥାନୀୟ ପୋଲିସ, ବରିଷ୍ଠ କମ୍ପାନୀ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ନିକଟସ୍ଥ ଇଣ୍ଡଷ୍ଟ୍ରିଆଲ ୟୁନିଟ୍ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି ୬ ମାସ ବ୍ୟବଧାନରେ ମକ୍‌ଡ୍ରିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୁରକ୍ଷା ପରାମର୍ଶଦାତା ଡା. ଟି ଯୋଗେଶ୍ୱର ମକ୍‌ଡ୍ରିଲ ପରିଚାଳନା କରିଥିଲେ। ଜିଏମ୍ ଅଶୋକ ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଏସ୍.ପି. ପାଢ଼ୀ ଧନ୍ୟବାଦ ଦେଇଥିଲେ।



କମ୍ପାନୀ ଆୟୋଜିତ ଜରୁରିକାଳୀନ ମକ୍‌ଡ୍ରିଲ ।

# 'ବୃହତ୍ ମେଡିକାଲ ନିର୍ମାଣ ଉପରେ ପ୍ରାଥମିକତା ଦିଅ'

**ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି ବୈଠକ**

<u>ସମ୍ବଲପୁର,୩।୬(ବ୍ୟୁରୋ)</u>




ସମ୍ବଲପୁର ଆର୍‌ଡିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ।

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ନବମ ପୁନର୍ବାସ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଅଧ୍ୟକ୍ଷତା କରି କହିଥିଲେ, ଜିଲାର ରେଙ୍ଗାଲି ଅଞ୍ଚଳରେ ବିଶେଷ କରି ଶିଳ୍ପ ଓ କଳକାରଖାନାଗୁଡିକ ରହିଛି। ସ୍ଥାନୀୟ ଲୋକଙ୍କ ଅନେକ ସମସ୍ୟା ରହୁଛି। ମୁଖ୍ୟତଃ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ହେବ। ତେଣୁ ୩ କମ୍ପାନୀ ମିଶି ସେଠାରେ ଏକ ବୃହତ୍ ମେଡିକାଲ ନିର୍ମାଣ କରିବା ଉପରେ ପ୍ରାଥମିକତା ଦିଆଯାଉ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ଲପଙ୍ଗା ଓ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତରେ ପ୍ରଦୂଷଣ ମାତ୍ର ଅଧିକ ହେଉଥିବାରୁ ଜନସାଧାରଣ ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ କହିଥିଲେ। ରେଙ୍ଗାଲିରେ କଲ୍ୟାଣ ମଣ୍ଡପ ତଥା ଟାଉନ ହଲ ନିର୍ମାଣ, ସ୍ଥାୟୀ ନିଯୁକ୍ତି, ଉନ୍ନୟନମୂଳକ କାମ କରିବାକୁ ବିଧାୟକ ନାଏକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ବାତୁଲା ଗଙ୍ଗାଧର, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏମ୍‌ପିଙ୍କ ପ୍ରତିନିଧି ରାଧେଶ୍ୟାମ ବାରିକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, କମ୍ପାନୀ ନିର୍ଦ୍ଦେଶକ ଅନିଲ ସିଂ, ଡି.କେ. ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ମାଣାଧୀନ ପ୍ରକଳ୍ପ କେମିତି ଆଗକୁ ବଢିବ, ପ୍ରଭାବିତ ଲୋକେ ଉପକୃତ ହୋଇପାରିବେ ସେଥିପ୍ରତି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍କୁଲ, ଅଙ୍ଗନୱାଡି, ପାନୀୟ ଜଳ ଯୋଗାଣ, ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା, ବିଜୁଳି ଯୋଗାଣ, ମେଡିକାଲ ପ୍ରତିଷ୍ଠା, ଡମ୍ପିଂ ୟାର୍ଡ, କମ୍ୟୁନିଟି ହଲ ଇତ୍ୟାଦି କ୍ଷେତ୍ର ପ୍ରତି କମ୍ପାନୀ ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା ।

## ୬୩ ପାଣି ପାଇପ୍ ଚୋରି

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ କୁମାର ଅଗ୍ରୱାଲ (୫୧) ପାଣି ଟାଙ୍କି ନିର୍ମାଣ ପାଇଁ ରାସ୍ତା ପାର୍ଶରେ ପାଣି ପାଇପ ରଖିଥିଲେ। ଗୁରୁବାର ରାତିରେ ୬୩ ପାଣି ପାଇପ ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଛି। ଏ ନେଇ ଅଗ୍ରୱାଲ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ସକାଳେ ନିର୍ମାଣ ସ୍ଥାଳକୁ ଯିବା ପରେ ସେଠାରୁ ପାଇପ୍ ଚୋରି ହୋଇଥିବା ଅଗ୍ରୱାଲ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା କରିଛି।

## ସଂକ୍ଷେପରେ

### ଋଣ ଖିଲାପକାରୀଙ୍କ ନାମାଙ୍କନପତ୍ର ଦାଖଲକୁ ବିରୋଧ

ଜୁନାଗଡ଼,୩।୬(ଡି.ଏନ.ଏ.): ସମବାୟ ସମିତି ସଭ୍ୟ ନିର୍ବାଚନ ପାଇଁ ଜଣେ ଋଣ ଖିଲାପକାରୀ ନାମଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ସମବାୟ ସମିତି ନିର୍ବାଚନ ପ୍ରକ୍ରିୟା ବର୍ତ୍ତମାନ ସରଗରମ ହୋଇଥିବା ବେଳେ ସଭ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ ସରିଛି। ହେଲେ ଏହି ପଦ ପାଇଁ ଦାସିଗାଁ ସମବାୟ ସମିତି ଜୋନ ୫ ପାଇଁ ମଶକୁଲ ମାଝି ଓ ନୀଳମଣି ପୁଞ୍ଜି ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୀଳମଣି ପୁଞ୍ଜିଙ୍କ ନାମ ଟପ ୨୦ ଋଣ ଖିଲାପକାରୀ ମଧ୍ୟରେ ରହିଛି। ତାଙ୍କ ନାମରେ ୧୮୫୧୩୦ ଟଙ୍କା ଋଣ ରହିଥିବା ସୂଚନା ରହିଛି। ଋଣ ଖିଲାପକାରୀ ନାମାଙ୍କନ ପତ୍ର ଦାଖଲ ଦାଖଲ କରିପାରିବେ ନାହିଁ ବୋଲି ନିର୍ବାଚନ ନିୟମ ରହିଛି। ଏହାକୁ ଉଲ୍ଲଂଘନ କରି ପୁଞ୍ଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏ ନେଇ ତାଙ୍କ ବିପକ୍ଷରେ ଥିବା ମଶକୁଲ ମାଝି ଏହାକୁ ବିରୋଧ କରି ଦାସିଗାଁ ସମବାୟ ସମିତି ନିର୍ବାଚନ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକାକିତ ନକଲ କଳାହାଣ୍ଡି ଜିଲାପାଳ ଓ ସମବାୟ ସମିତି ଉପନିବନ୍ଧକଙ୍କୁ ପ୍ରେରଣ କରିଥିବା ଜଣାଯାଇଛି।

### ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଟିକା

ରୁପ୍ରା ରୋଡ,୩।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଏବଂ ମ. ରାମପୁର ବ୍ଲକ ଲୋକଙ୍କ ପାଇଁ ଏବେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁ ଟିକା ଓ ଚିକିତ୍ସା ହେବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି। ଏହାକୁ ନେଇ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁ ଚିକିତ୍ସା ନ ଥିବାରୁ ବିଭିନ୍ନ ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନରୁ ଦାବି କରୁଥିଲେ। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ନିଷ୍ପତ୍ତି ନେଇଛି। ଏହିକ୍ରମେ ଜିଲାର ୬ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ପାଇଁ ନିଷ୍ପତ୍ତି ନେଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

### ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଖଡ଼ିଆଲ,୩।୬(ଡି.ଏନ.ଏ.): ଆଦିବାସୀ ନେତା ତଥା ଓଡ଼ିଶା ଶବର ସମାଜ ରାଜ୍ୟ ସମ୍ପାଦକ ନିରଞ୍ଜନ ବିଶିଙ୍କୁ ରାଜ୍ୟ ସଭା ସଦସ୍ୟ ଭାବେ ଚୟନ କରିଥିବାରୁ ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନିରଞ୍ଜନ ରାଜ୍ୟ ସଭା ସଦସ୍ୟ ପ୍ରାର୍ଥୀ ହେବା ପରେ ଆଦିବାସୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତାଙ୍କ ଉଦ୍ୟମରେ ଏ ଅଞ୍ଚଳରେ ଜଡିତ ସମସ୍ୟାଗୁଡିକ ସମାଧାନର ରାସ୍ତା ଖୋଲିବ ବୋଲି ତାଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ଅଛି। ବିଶି ଆଦିବାସୀମାନଙ୍କ ସମସ୍ୟା ଦିଲ୍ଲୀରେ ଉପସ୍ଥାପନ କରି ତାର ସମାଧାନ ବାଟ ଫିଟାଇବେ ବୋଲି ଆଦିବାସୀମାନଙ୍କ ବିଶ୍ୱାସ ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଣିକି ଆଦିବାସୀମାନଙ୍କୁ ଆଉ ସଂଗ୍ରାମ କରିବାକୁ ପଡିବ ନାହିଁ ବୋଲି ଆଦିବାସୀ ନୂଆପଡା ଜିଲା ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର କହିଛନ୍ତି।

### ପଞ୍ଚାୟତସ୍ତରୀୟ ବେରୋଜଗାର ପ୍ରଶିକ୍ଷଣ ଶିବିର

ଖଡ଼ିଆଲ,୩।୬(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ବେରୋଜଗାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶୋକା ଦଣ୍ଡସେନାଙ୍କ ସଭାପତିତ୍ୱରେ ଜିଲା ଶିଳ୍ପ କେନ୍ଦ୍ର ଖଡିଆଳ ନୂଆପଡା ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚାୟତସ୍ତରୀୟ ବେରୋଜଗାର ଯୁବକ ଯୁବତୀମାନଙ୍କ ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଡିଆଇସି ଓଡ଼ିଶା ସରକାରଙ୍କ ମାଧ୍ୟମରେ ବିଭିନ୍ନ ପ୍ରକାର ଋଣ ପ୍ରଦାନ ଓ ବିଭିନ୍ନ ବ୍ୟବସାୟ ଆରମ୍ଭ କରିବା ଓ ଲାଭବାନ ହୋଇ ପ୍ରୋତ୍ସାହନ ଓ ସଚେତନ ସୃଷ୍ଟି କରି ସ୍ୱୟଂ ସହାୟକ ହୋଇ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଆନନ୍ଦ କୁମାର ବେହେରା। ପ୍ରଶିକ୍ଷଣ ଶିବିରରେ ଗ୍ରାମର ଶତାଧିକ ଯୁବକଯୁବତୀ ଯୋଗଦେଇଥିଲେ। ନାଏବ ସରପଞ୍ଚ ସଦାଚରଣ ତାଣ୍ଡି, ଗ୍ରାମ ରୋଜଗାର ସେବକ ଜୁଳି ପାତ୍ର, ଧୀରେନ୍ଦ୍ର ଦଣ୍ଡସେନା, ସୁଶାନ୍ତ ବିଶିଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

**କଳାହାଣ୍ଡି ଗସ୍ତର ୨ୟ ଦିନ**

■ ୧୦୦ ସିଟ ବିଶିଷ୍ଟ ଛାତ୍ରାବାସର ଶିଳାନ୍ୟାସ

ଭବାନୀପାଟଣା/କେସିଙ୍ଗା, ୩।୬(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଗସ୍ତର ୨ୟ ଦିନରେ ଶୁକ୍ରବାର ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡସି) ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଜିଲାର ବିଭିନ୍ନ ଉଦ୍ୟୋଗୀଙ୍କ ୟୁନିଟ ସହ ସରକାରୀ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ୧୦୦ ସିଟ ବିଶିଷ୍ଟ ଛାତ୍ରାବାସର ଶିଳାନ୍ୟାସ କରିଥିଲେ। ସକାଳେ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ପରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ନିର୍ମାଣର ଶେଷ ପର୍ଯ୍ୟାୟ କାର୍ଯ୍ୟ ସମୀକ୍ଷା କରିଥିଲେ। ୭ କୋଟି ବ୍ୟୟରେ ନିର୍ମାଣାଧୀନ ଟାଉନହଲର କାର୍ଯ୍ୟ ଅଗ୍ରଗତି ଦେଖିଥିଲେ। ୧୧,୦୦୦ ବର୍ଗଫୁଟ ଜମିରେ ନିର୍ମାଣାଧୀନ ଟାଉନହଲରେ ୫୦୦ ସିଟ ରହିଛି। ବିଏମ ହାଇସ୍କୁଲ ପରିଦର୍ଶନରେ ପ୍ରଥମେ ଡବ୍ଲ୍ୟୁଓଡିସି ୮୮.୭ ଲକ୍ଷ ଅନୁଦାନରେ ନିର୍ମିତ ହେବାକୁ ଥିବା ଆର୍ଥିକ ଅନଗ୍ରସର ଛାତ୍ରମାନଙ୍କ ପାଇଁ ୧୦୦ ସିଟ ବିଶିଷ୍ଟ ଛାତ୍ରାବାସର ଶିଳାନ୍ୟାସ କରିଥିଲେ। ଯେଉଁଥିରେ ମୁଖ୍ୟଅତିଥି ଭାବେ ଏମପି ବସନ୍ତ ପଣ୍ଡା ଯୋଗଦେଇଥିଲେ। ଏହାପରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କଳାହାଣ୍ଡି ଜିଲାରେ ଡବ୍ଲ୍ୟୁଓଡିସି ଦାରା ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥଲେ। କଳାହାଣ୍ଡି ବିଶବିଦ୍ୟାଳୟ ପରିସରରେ ବିଶବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀଙ୍କ ଦ୍ୱାରା ଆୟୋଜିତ ସଭାରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି କଠିନ ପରିଶ୍ରମ ପୂର୍ବକ ପାଠ ପଢି ସମାଜରେ ପ୍ରତିଷ୍ଠିତ ହେବା ପାଇଁ କେବଳ ଚାକିରି ଏକ ମାଧ୍ୟମ ନୁହେଁ, ଉଦ୍ୟୋଗୀ ହେବାକୁ ଚେଷ୍ଟା କରି ଅନେକଙ୍କୁ କର୍ମ ସଂସ୍ଥାନ ସାହାଯ୍ୟ କରନ୍ତୁ ବୋଲି କହିଥିଲେ। ସରକାରୀ ପଲିଟେକନିକ ଅନୁଷ୍ଠାନକୁ ପରିଦର୍ଶନ କରି ତାଲିମ ନେଉଥିବା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍କେଲା ଏଆରଷ୍ଟ୍ରିପର ଶେଷ ପର୍ଯ୍ୟାୟ କାର୍ଯ୍ୟକୁ ପରିଦର୍ଶନ କରି ଏହାର ରନୱେ ବିସ୍ତାର କାର୍ଯ୍ୟ, ୨ବି ଲାଇସେନ୍ସର ନିରାପତ୍ତା ସମ୍ବନ୍ଧିୟ କାର୍ଯ୍ୟର ସମୀକ୍ଷା କରିଥିଲେ। କେସିଙ୍ଗା ବ୍ଲକ କୋକୋମୁଣ୍ଡାରେ ୫ କୋଟି ବ୍ୟୟରେ ନିର୍ମିତ ବିକାଶ ଜୈନଙ୍କ ପ୍ରୀତି କାଜୁ ଇଣ୍ଡଷ୍ଟ୍ରି, କେସିଙ୍ଗାସ୍ଥିତ ସାଇ କେଲ ଓ ରିକ୍ସା ପାଇଁ ଟାୟାର ଓ ଟ୍ୟୁବ ତିଆରି କରୁଥିବା ବଂଶଲ ଟାୟାର ଓ କୃଷି ସାମଗ୍ରୀ ନିର୍ମାଣ କରୁଥିବା ସୁବାସ ଆଇରନ ଏଣ୍ଡ ଅଗ୍ରିକଲଚରାଲ ଇଣ୍ଡଷ୍ଟ୍ରି ପରିଦର୍ଶନ ସହ ସୁବିଧା ଅସୁବିଧା କଥା ଆଲୋଚନା କରିଥିଲେ। ଏହାପରେ କେସିଙ୍ଗା ଏନ୍ଏସି ଅନ୍ତର୍ଗତ ବୋରିଂପଦରଠାରେ ପୁନର୍ବାସ କୋଲୋନିକୁ ଯାଇ ରେଲୱେ ଯୋଗୁ ବିସ୍ଥାପିତ ୪୪ଟି ପରିବାରଙ୍କୁ ଭେଟିଥିଲେ। ସେହି କଲୋନୀରେ ସମସ୍ତଙ୍କ ପକ୍କା ଘର, ବିଜୁଳି, ପାନୀୟ ଜଳ, ଷ୍ଟ୍ରିଟ ଲାଇଟ, ଡ୍ରେନ, ପରିମଳ ସୁବିଧା ବ୍ୟବସ୍ଥା ପରିଦର୍ଶନ କରିଥିଲେ। ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରିଥଲେ। ଗସ୍ତ ସମୟରେ ତାଙ୍କ ସହ ଡବ୍ଲ୍ୟୁଓଡିସି ସିଇଓ ଅଜିତ କୁମାର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ଡ଼. ଗାଭାଲି ପରାଗ ହର୍ଷଦ, ପିଡିଡିଆରଡିଏ ସୋମେଶ ଉପାଧ୍ୟାୟ, ଡିଆଇପିଆରଓ ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। କେସିଙ୍ଗା ଗସ୍ତ ବେଳେ ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଏନ୍ଏସି ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।


ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

### ବିଶ୍ୱବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର

ଭବାନୀପାଟଣା,୩।୬(ସ୍ୱ.ପ୍ର.)

ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଶୁକ୍ରବାର କଳାହାଣ୍ଡି ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବା ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତ। ଏହି ଅବସରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଗସ୍ତ ସମୟରେ ବିଶ୍ୱବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଯେଉଁଥିରେ ଏକ ହଜାର ବ୍ୟକ୍ତି ଏକାଠି ବସିବା ପାଇଁ ଏକ ଆଧୁନିକ ଅଡିଟୋରିୟମ ସହ ପ୍ରେକ୍ଷାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ପାଚେରି, ଗ୍ୟାଲେରି ସହ ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ, ଇନଡୋର କୋର୍ଟ ଓ ଜିମ, ଛାତ୍ରଛାତ୍ରୀଙ୍କ ପାଇଁ ନୂତନ କମନରୁମ, କ୍ୟାଣ୍ଟିନ, ଆଧାତ୍ମିକ ହଲ, ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ, ଛାତ୍ର ସଂସଦ ପ୍ରକୋଷ୍ଠ ଆଦି ନିର୍ମାଣ ପାଇଁ ଦାବି କରାଯାଇଛି। ପୂର୍ବତନ ଅଧ୍ୟକ୍ଷ ଡ ଅଜୟ ମିଶ୍ର, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଆଲୁମିନି ଆସୋସିଏଶନ ସାଧାରଣ ସମ୍ପାଦକ ଅବିନାଶ ଠାକୁର, ସହ ସମ୍ପାଦକ ମଣ୍ଟୁ ନାଏକ, ଅଭିଷେକ ମହାପାତ୍ର, ସତ୍ୟବ୍ରତ ଦାସ ପ୍ରମୁଖ ସାମିଲ ହୋଇ ଅଧ୍ୟକ୍ଷ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ।

## ବିନା ସୂଚନା ଫଳକରେ ପୋଖରୀ ପୁନରୁଦ୍ଧାର


ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି।

କୋକସରା,୩।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉହଗାଁ ପଞ୍ଚାୟତ ସାରସ୍ମାଲର ବୁଢ଼ାବନ୍ଧ ପୋଖରୀ ବିନା ସୂଚନା ଫଳକରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଫଳରେ ଏହାର କାର୍ଯ୍ୟ ନେଇ ସନ୍ଦେହ ସୃଷ୍ଟି ହେଉଛି। ଯେ କୌଣସି ସରକାରୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ନିର୍ମାଣ କରିବା ନିୟମ ରହିଛି। ଏପରି କି ସୂଚନା ଫଳକ ନିର୍ମାଣ କରା ନ ଯିବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇପାରିବ ନାହିଁ। ମାତ୍ର ଏଠାରେ ନିୟମ ଉଲ୍ଲଂଘନ କରାଯାଇ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ସୂଚନା ଫଳକ ନ ଥିବାରୁ କାର୍ଯ୍ୟର ଠିକ ସୂଚନା ଲୋକେ ଜାଣିପାରୁ ନାହାନ୍ତି। ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଏସ୍ଏଫସି ଯୋଜନାରେ ଚାଲିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ବିଭାଗୀୟ କରୁଥିବା କୁହାଯାଉଛି। ହେଲେ ବିଭାଗୀୟ ଯନ୍ତ୍ରୀ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହୁ ନାହନ୍ତି। ସ୍ଥାନୀୟ ଜଣେ ଠିକାଦାର ମେଶିନରେ ଜୋରସୋରରେ କରୁଥିବା ଦେଖିବାକୁ ମିଳିଛି। ଫଳରେ ଠିକାଦରାଙ୍କ ମର୍ଜିରେ କାର୍ଯ୍ୟ ଚାଲୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଉହଗାଁ ପଞ୍ଚାୟତ ଜିପିଟିଏ ପଞ୍ଚାନନ ବିଷୋୟୀଙ୍କ ପ୍ରତିକ୍ରିୟା ନେବାରୁ ଏସ୍ଏଫସି ଯୋଜନାରେ କାମ ଚାଲିଛି, କାର୍ଯ୍ୟର କେତେ ଅଟକଳ ମୂଲ୍ୟ ରହିଛି ତାହାର ଠିକ୍ ତଥ୍ୟ ଦେଇ ପାରି ନ ଥିଲେ। ସୂଚନା ଫଳକ କଥା ପଚାରିବାରୁ ଲାଗି ନ ଥିଲେ, ତୁରନ୍ତ ଲଗାଇ ଦିଆଯିବ ବୋଲି କହିଛନ୍ତି।

## ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ

ନୂଆପଡ଼ା ଅଫିସ,୩।୬

ରାଜ୍ୟ ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିମା ବିଭାଗ ପକ୍ଷରୁ ରାଜ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କିତ ଏକ ୧୫ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆପଡା ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଏକତା ଛକରୁ ମିନିଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆନ୍ତ୍ରେରିଆ କେରକେଟା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚନ୍ଦନ ଶତପଥି, ଚାଇଲ୍ଡ ଲାଇନ ଜିଲା ସଂଯୋଜକ ମୁକେଶ କୁମାର ଜୋଷୀ, ସଦସ୍ୟ ସୁନାଧର ସୁନାନୀ, ବିଭିନ୍ନ ଶ୍ରମିକ ସଙ୍ଗଠନ ସଦସ୍ୟ ଓ ନୂଆପଡାରୁ ଶତାଧିକ ଜନଶାଧାରଣ ଉପସ୍ଥିତ ଥିଲେ।

## ନୂତନ ପେନ୍‌ସନ ଯୋଜନାକୁ ଶିକ୍ଷକଙ୍କ ବିରୋଧ


ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

ନୂଆପଡ଼ା ଅଫିସ,୩।୬

ନୂଆପଡା ଜିଲା କୋମନା ବ୍ଲକ ୧୭ଟି କ୍ଲଷ୍ଟର ଶିକ୍ଷକମାନଙ୍କ ଏକ ଜରୁରୀକାଳିନ ବୈଠକ କୁରେଶ୍ୱର (ଉଦ୍ୟାବବନ୍ଧ)ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ପେନସନ ଯୋଜନାକୁ ବିରୋଧ କରି ପୁରୁଣା ପେନସନ ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି। ବୈଠକରେ ଦିବ୍ୟମଣି ଅଗସ୍ତି ଅଧ୍ୟକ୍ଷତା କରିଥିବା ବେଳେ ଗୌରଚନ୍ଦ୍ର ରଣା, ସୁବଳଶ୍ୟାମ ପଣ୍ଡା, ବିକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପଣ୍ଡା, ନଗେନ୍ଦ୍ରନାଥ ପଣ୍ଡା, ଗଣେଶ ଚନ୍ଦ୍ର ଦୁବେ, ଶ୍ୟାମଲାଲ ପ୍ରଧାନ, ଛୁନୁରାମ ନାଏକ, ବିରକିଶୋର ପଣ୍ଡା, ପ୍ରସନ୍ନ କୁମାର ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଅଶୋକ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ୨୦୦୫ଠାରୁ ଯେଉଁ ଶିକ୍ଷୟିତ୍ରୀଶିକ୍ଷକମାନେ ନିଯୁକ୍ତ ହେଲେ ସେମାନଙ୍କୁ ସରକାର ନୂତନ ପେନସନ ଯୋଜନାରେ ସାମିଲ କରିଛନ୍ତି। ନୂତନ ପେନସନ ଯୋଜନାରେ ଚାକିରି ସମୟରେ, ଅବସର ନେବା ପରେ କିମ୍ବା ମୃତ୍ୟୁ ପରେ ମଧ୍ୟ କୌଣସି ସୁବିଧା ସୁଯୋଗ ନ ଥିବାରୁ ଏହାକୁ ବିରୋଧ କରି ପୁରୁଣା ପେନସନ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଥିଲେ। କୋମନା ବ୍ଲକର ୧୭ଟି କ୍ଲଷ୍ଟରର ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ପୁରୁଣା ପେନସନ ଯୋଜନାରେ ଯେଉଁ ୧୨ଟି ଦାବି ରହିଛି, ଏହି ଦାବି ପୁରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଶିକ୍ଷୟିତ୍ରୀଶିକ୍ଷକମାନେ ଚେତାବନୀ ଦେଇଛନ୍ତି।

## ବିଶ୍ୱ ସାଇକେଲ ଦିବସରେ ସଚେତନତା ଶୋଭାଯାତ୍ରା

ନୂଆପଡ଼ା ଅଫିସ,୩।୬

ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ରୋୟଲ କ୍ଲବ ଓ ନୂଆପଡା ନେହେରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଆଗାମୀ ଦିନରେ ଲୋକେ କିପରି ଭାବେଯୋଗ, ବ୍ୟାୟାମ କରି ସୁନ୍ଦର ସ୍ୱାସ୍ଥ୍ୟ ଗଢି ତୋଲିବା ସହିତ ରୋଗମୁକ୍ତ ଭାରତ ଗଠନ ହୋଇ ପାରିବ ଏହି ବିଷୟ ନେଇ ବିଶ୍ୱ ସାଇକେଲ ଦିବସରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା। ରାଲିରେ କୁରେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ଗନିଆରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗନିଆରି ଗ୍ରାମରୁ ଜଡାମୁଣ୍ଡା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ରାଲି ହୋଇଥିଲା। ରୋୟଲ କ୍ଲବର ସଦସ୍ୟ ଥୟରାମ ହଂସ, ଟିକେଶ୍ୱର ହଂସ, ଥବିର ହଂସ, ଦୀପକ ବାଗ, ଜୟନ୍ତ ନାଗ, ରୁଦ୍ରକ୍ଷର ହଂସ, ଗିରିଧାରି ଧରୁଆ ପ୍ରମୁଖ ସହଯୋଗ କରିଥିଲେ।


ସାଇକେଲ ରାଲିରେ ସାମିଲ ଛାତ୍ରୀଛାତ୍ର।

## ଜିଲାର ସମସ୍ୟା ଉପସ୍ଥାପନ କଲେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ

ଭବାନୀପାଟଣା,୩।୬(ସ୍ୱ.ପ୍ର.)

ଭୁବନେଶ୍ୱର କିଟ ପରିସରରେ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ନେଇ ଗୁରୁବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସର୍ବପ୍ରଥମେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଜିଲାର ବିଭନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଟାର୍ଗେଟ ନ ଥିବାରୁ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବାଦ ପଡିବା, ଅତି ଗରିବ ପରିବାରମାନେ କୌଣସି କାରଣରୁ ରାଶନ କାର୍ଡ ତାଲିକାରୁ ନାମ କଟିଯାଇଥିବା, ଭଲ ଭାବେ ୱେବ ସାଇଟ କାମ କରୁ ନ ଥିବା, ସିଏଫସି, ଏସଏଫସିର ଟାଏଡ ଟଙ୍କା ଯେହେତୁ ନିଜ ବ୍ଲକ ଆକାଉଣ୍ଟକୁ ଆସୁଛି ତେଣୁ ନିଜ ଅଞ୍ଚଳର ସମସ୍ୟା ଅନୁସାରେ ବ୍ଲକ ପ୍ରଶାସନ ନିଜ ହିସାବେ ସମସ୍ୟା ସମାଧାନ କରିବାକୁ ନିଜେ ଅର୍ଥ ଖର୍ଚ୍ଚ କରିବା ସ୍ୱାଧୀନତା ଦେବା ଆଦି ବିଷୟ ଉପସ୍ଥିତ ବିଭାଗୀୟ ସଚିବମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ବିଭାଗୀୟ ସଚିବମାନେ ମଧ୍ୟ ସମସ୍ୟା ସମାଧାନ କିଭଳି ହେବ ସେହି ବିଷୟରେ ବୁଝାଇଥିଲେ। ଶିବିରରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ, ମିଶନ ଶକ୍ତିର ମୁଖ୍ୟ ସୁଜାତା ପାଣ୍ଡିଆନ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଶିଶୁ ବିକାଶ ପ୍ରକଳ୍ପ ମନ୍ତ୍ରୀ ଟୁକୁନୀ ସାହୁ, ଖାଦ୍ୟ ଯୋଗାଣ ମନ୍ତ୍ରୀ ପ୍ରତାପ ସ୍ୱାଇଁ, ବିଭାଗୀୟ ସମସ୍ତ ସଚିବ, ରାଜ୍ୟର ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ୩୧୪ଜଣ ସରପଞ୍ଚ, ରାଜ୍ୟର ସମସ୍ତ ଜିଲା ପରିଷଦ ସଭାପତି ଓ ଉପସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଦୁନ୍ଦେଲମାଲ, ବାଙ୍କପଲାଶ, ଦେଦର ପଞ୍ଚାୟତ**

■ ମରୁଡ଼ି କ୍ଷୟକ୍ଷତି ସହାୟତା ଦାବି

ଜୁନାଗଡ଼,୩।୬(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ, ବାଙ୍କପଲାଶ ଓ ଦେଦର ପଞ୍ଚାୟତବାସୀ ମରୁଡି କ୍ଷୟକ୍ଷତି ସହାୟତା ଦାବି ନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦୁନ୍ଦେଲମାଲ, ଦେଦର ଓ ବାଙ୍କପଲାସ ୩ ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ନାହିଁ ଫଳରେ କେବଳ ବର୍ଷା ଉପରେ ସମ୍ପୂର୍ଣ୍ଣ ଭରସା ରଖି ଚାଷ କରିଥାନ୍ତି। ୨୦୨୧ରେ ସଳ୍ପବର୍ଷାରୁ ଏହି ୩ ପଞ୍ଚାୟତରେ ଭୟଙ୍କର ମରୁଡି ହୋଇ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ମରୁଡି ସମ୍ପର୍କରେ କୃଷି ବିଭାଗ ଏହାର ତଦନ୍ତ ମଧ୍ୟ କରିଥିଲା। ଫସଲ କ୍ଷତିପୂରଣ ପ୍ରଦାନ କରିବା ବ୍ୟବସ୍ଥା କରିବୁ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିଲା। ହେଲେ ଆଜକୁ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ମିଳିନାହିଁ। ମରୁଡି ଯୋଗୁ ଲୋକେ ଗାଁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଚେକଡ୍ୟାମ ନିର୍ମାଣ କରି ମରୁଡ଼ିର ସ୍ଥାୟୀ ପ୍ରତିକାର କରିବା ସହ ବାଙ୍କପଲାଶଠାରେ ଏକ ମେଘା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଦାବି କରିଛନ୍ତି। ୨୦୨୧ରେ ହୋଇଥିବା ମରୁଡି କ୍ଷୟକ୍ଷତିରେ ୩ଟି ପଞ୍ଚାୟତର ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି। ବିକ୍ଷୋଭରେ ହରେକୃଷ୍ଣ ମାଝି, ଉଜଳ ବେମାଲ, ବିଜୟ କୁମାର ଜାନି, ଚାଷୀ ନେତା ବିଶ୍ୱନାଥ କର, ଦାମୋଦର ବେହେରା, ଖଗେଶ୍ୱର ମାଝି, ହରିଶ୍ଚନ୍ଦ୍ର ମାଝିଙ୍କ ସମେତ ୩ ପଞ୍ଚାୟତର ଶତାଧିକ ଚାଷୀ ସାମିଲ ହୋଇଥିଲେ।



ଜୁନାଗଡ଼ ତହସିଲ ସମ୍ମୁଖରେ ୩ ପଞ୍ଚାୟତବାସୀଙ୍କ ବିକ୍ଷୋଭ।

**ଡ୍ୟାମ ପାଣିରେ ବିଷ ପକାଇବା ନେଇ ଥାନାରେ ଏତଲା**

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ଗ୍ରାମପଞ୍ଚାୟତ ଅର୍ତ୍ତତ୍ରାଣପୁର ଗ୍ରାମର ଡ୍ୟାମରେ ବିଷ ପକାଇବା ନେଇ ଶୁକ୍ରବାର ଥାନାରେ ମାମଲା ରୁଜୁ ହୋଇଛି। ଅର୍ତ୍ତତ୍ରାଣପୁର ଡ୍ୟାମକୁ ଗ୍ରାମର ମା' ଅର୍ଣ୍ଣପୁର୍ଣ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୩ ବର୍ଷ ପାଇଁ ନିଲମ ନେଇଛନ୍ତି। ଡ୍ୟାମରେ ଗତ ବୁଧବାର ମାଛଗୁଡ଼ିକ ମରିଥିବା ଦେଖିବାକୁ ମିଳିଥିଲା। ଦୁର୍ବୃତ୍ତମାନେ ବିଷ ପକାଇ ଦେଇଥିବା ସନ୍ଦେହ କରି ଥାନାରେ ମାମଲା ରୁଜୁ କରାଯାଇଛି। ଲକ୍ଷାଧିକ ଟଙ୍କାର ମାଛ ମାରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ଖଡ଼ିଆଳ ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କୁ ପଚାରିବାରୁ ପ୍ରକୃତରେ କ'ଣ ହୋଇଛି ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବିରକେଲ ଗ୍ରାମରେ ହାତୀ ଉପଦ୍ରବ

**ଲୋଇସିଂହା,୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ବିରକେଲ ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି। ହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଚାଷୀଙ୍କ ଅମଳ ଧାନ ନଷ୍ଟ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଖବର ପାଇ ଲୋଇସିଂହା ବନ ବିଭାଗ ହାତୀ ସ୍କ୍ୱାଡ୍ ଟିମ୍ ସେଠାରେ ପହଞ୍ଚିଥିଲେ। ଏହି ଟିମ୍ କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିବା ସହ ହାତୀର ଗତିପଥ ଅନୁଧ୍ୟାନ କରିଥିଲେ। ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିରକେଲ ଗ୍ରାମର ସାଇଦେବ ପଟେଲ ବିରକେଲ - ଲୁଚକିବାହାଲ ସୀମାନ୍ତରେ ଥିବା ତାଙ୍କ ଚାଷ ଜମିରେ ରବିଧାନ ଚାଷ କରିଥିଲେ। ଖରିଫ ଚାଷ ଲାଗି ୧୨ ପ୍ୟାକେଟ ଧାନ ପହ୍ଲା ପକାଇବା ପାଇଁ ସେଠାରେ ରଖି ବାକି ଅଳ୍ପ ଧାନକୁ ଘରକୁ ନେଇ ଯାଇଥିଲେ। ହେଲେ ଗୁରୁବାର ରାତିରେ ଏକୁଟିଆ ଗୋଟିଏ ହାତୀ ଛେଳିଆ ଅଞ୍ଚଳରୁ ଆସି ଚାଷ ଜମି ମାଡିବା ସହ ଧାନ ଖରି ନଷ୍ଟ କରିଥିଲା। ଏପରି କି ସେଠାରେ ପହ୍ଲା ପକାଇବାକୁ ଗଚ୍ଛିତ ରଖିଥିବା ୧୨ ପ୍ୟାକେଟ ଧାନରୁ ୭ ପ୍ୟାକେଟ ଧାନକୁ ହାତୀ ନଷ୍ଟ କରିଥିବା ଚାଷୀ ପଟେଲ କହିଛନ୍ତି।

### ନିରଞ୍ଜନ ବିଶିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୩।୬:** ବିଜେଡି ରାଜ୍ୟ ସଭା ପ୍ରାର୍ଥୀ ମନୋନୀତ ହୋଇଥିବା ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶିଙ୍କୁ ସ୍ୱାଗତ ଜଣାଇବା ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ରାଜ୍ୟସଭା ସାଂସଦ ପ୍ରାର୍ଥୀ ଭାବେ ବିଶିଙ୍କୁ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ବନଲତା ମାଝୀଙ୍କ ସଭାପତିତ୍ୱରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ କାର୍ଯ୍ୟକାରୀ ସଭାପତି ଅଚ୍ୟୁତ ଧରୁଆ, କୋଷାଧକ୍ଷ ପ୍ରଫୁଲ୍ଲ ତୁମୁନିଆ, ନିରଞ୍ଜନ ମାଝି, ମଧୁ ବିଶ୍ୱାଳ, ହରିବନ୍ଧୁ ଧରୁଆ, ଗଣନାଥ ଧରୁଆ, ଅଭିରାମ ମାଝି, ମାଧବ ବରିହା, ଛୋଟୁ ମାଝୀ, ସୁଦାମ ଧରୁଆ, ଅରକ୍ଷିତ ଭୁଏ, ଦିବାକାର ଭୋଇ, ବଳଦେବ ଭୋଇ, ନାରାୟଣ ବର୍ଗେ, ଅମ୍ବରୀଶ ରାଉତ, ସତ୍ୟ ନାରାୟଣ ମଲ୍ଲିକ, ପାଲେଶ୍ୱର ଭୋଇ, ଅନାଦୀ ମାରପାଚି, ନିମାଇଁ ଝାଙ୍କର, ନିରଞ୍ଜନ ଧରୁଆ ଉପସ୍ଥିତ ଥିଲେ।

# ପ୍ରମାଣପତ୍ର ପାଇଁ ଦିବ୍ୟାଙ୍ଗ ହଟହଟା

**ବରଗଡ଼ ଅଫିସ୍,୩।୬**

- ଖରାତାତିରେ ଆସି ନିରାଶରେ ଫେରିଲେ
- ଅସ୍ଥିଶଲ୍ୟ ବିଶେଷଜ୍ଞ ଅଭାବରୁ ସମସ୍ୟା
- ପ୍ରତି ମାସରେ ବଦଳୁଛି ନିର୍ଦ୍ଧାରିତ ତାରିଖ

ବରଗଡ଼ ଜିଲାରେ ଅନେକ ଦିବ୍ୟାଙ୍ଗ ଏବେ ସୁଦ୍ଧା ଅବହେଳିତ ଅବସ୍ଥାରେ ଅଛନ୍ତି। ଭତ୍ତା କିମ୍ବା କର୍ମଯୋଗାଣ ମିଳିବା ତ ଦୂରର କଥା, ଦିବ୍ୟାଙ୍ଗ ପ୍ରମାଣପତ୍ର ସୁଦ୍ଧା ସେମାନଙ୍କୁ ମିଳିପାରୁନାହିଁ। ଏଥିପାଇଁ ସେମାନଙ୍କୁ ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଶୁକ୍ରବାର ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍ଓ)ଙ୍କ କାର୍ଯ୍ୟାଳୟକୁ ଖରାତାତିରେ ଆସି ଅନେକ ଦିବ୍ୟାଙ୍ଗଙ୍କୁ ନିରାଶରେ ଫେରିବାକୁ ପଡ଼ିଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଡ଼ିଏମ୍ଓ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଆଗରୁ ପ୍ରତି ମାସ ୩ତାରିଖରେ ଦିବ୍ୟାଙ୍ଗଙ୍କ ପ୍ରମାଣପତ୍ର ପାଇଁ ଆବେଦନ ଗ୍ରହଣ, ଯାଞ୍ଚ ତଥା ପ୍ରମାଣପତ୍ର ଇସ୍ୟୁ କରାଯାଉଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଅଭାବରୁ ସେହି ନିର୍ଦ୍ଦିଷ୍ଟ ତାରିଖରେ ତାହା କରିବା ସମ୍ଭବ ହୋଇପାରୁନାହିଁ। ଘରୋଇ ଡାକ୍ତରଖାନାର ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କୁ ସେଥିପାଇଁ ଡକାଯାଉଛି। ଚଳିତ ମାସ ୧ତାରିଖରେ ତାହା ହୋଇଥିଲା। ଆସନ୍ତା ଜୁଲାଇ ୫ତାରିଖରେ ପୁଣି କରାଯିବ ବୋଲି ସେ କହିଥିଲେ।

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବରୁ ପ୍ରତି ମାସ ୩ତାରିଖରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ ଗ୍ରହଣ ଓ ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା। ଫଳରେ ସେହି ନିର୍ଦ୍ଧାରିତ ଦିବସରେ ଜିଲାର ଦିବ୍ୟାଙ୍ଗମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ମାତ୍ର ଅସ୍ଥିଶଲ୍ୟ ବିଶେଷଜ୍ଞ ନ ଥିବାରୁ ତାହା ଠିକ୍ ଭାବେ ହୋଇପାରୁନାହିଁ ଏବଂ ଦୂର ଦୂରାନ୍ତରରୁ ଆସିଥିବା ଦିବ୍ୟାଙ୍ଗଙ୍କୁ ନିରାଶରେ ଫେରିବାକୁ ପଡୁଛି। ସରକାରୀ ଯୋଜନାରେ ସାମିଲ ହେବା ଆଶା ନେଇ ପ୍ରମାଣପତ୍ର ଆବେଦନ ସକାଶେ ଶୁକ୍ରବାର ବରଗଡ଼, ପାଇକମାଳ ଆଦି ସ୍ଥାନରୁ ଦିବ୍ୟାଙ୍ଗମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ୧ତାରିଖରେ ସେଥିପାଇଁ ଯାଞ୍ଚ ସରି ଯାଇଥିବା ସରିଯାଇଥିବା ବିଭାଗୀୟ କର୍ମଚାରୀ କହିଥିଲେ। ଏହାପରେ ସେମାନେ ଚିନ୍ତାରେ ପଡ଼ି ଯାଇଥିଲେ। ଖବର ପାଇ କିଛି ସ୍ୱେଚ୍ଛାସେବୀ ସେଠାକୁ ପହଞ୍ଚି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସମାନ ଉତ୍ତର ମିଳିଥିଲା ଏବଂ ଦିବ୍ୟାଙ୍ଗଙ୍କୁ ନିରାଶରେ ଘରକୁ ଫେରିବାକୁ ପଡ଼ିଥିଲା।

ବରଗଡ଼ ସହରରୁ ୭କି.ମି ଦୂର ଦେଓଗାଁ ଚଣ୍ଡିପାଲିର ଦୟା ଭୁଏ(୬୦) କହିଛନ୍ତି, ସେ ଏବଂ ତାଙ୍କ ସ୍ତ୍ରୀ ଦିବ୍ୟାଙ୍ଗ। ପାଖରେ ପ୍ରମାଣପତ୍ର ନ ଥିବା ଯୋଗୁ ସେମାନଙ୍କୁ ସରକାରୀ ସୁବିଧା ସୁଯୋଗ ଅପହଞ୍ଚ ହୋଇ ପଡ଼ିଛି। ପ୍ରତି ମାସ ୩ତାରିଖରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ, ଶାରୀରିକ ଯାଞ୍ଚ ତଥା ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା। ଫଳରେ ସେ ଟ୍ରାଇ ସାଇକେଲ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ସେଥିପାଇଁ ଗତ ୧ତାରିଖରୁ ଯାଞ୍ଚ ସରିଯାଇଥିବା ସ୍ୱାସ୍ଥ୍ୟ କର୍ମଚାରୀମାନେ କହିବାରୁ ସେ ଘରକୁ ଫେରିଥିବା କହିଛନ୍ତି। ଦୟାଙ୍କ ଭଳି ଅନେକ ଦିବ୍ୟାଙ୍ଗ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରିଛନ୍ତି।


ସ୍ୱେଚ୍ଛାସେବୀଙ୍କ ସହିତ ସିଡିଏମ୍ଓଙ୍କ ଅଫିସ୍‌କୁ ଆସିଥିବା ଜଣେ ଦିବ୍ୟାଙ୍ଗ।

# ବୈଦିକ ରୀତିରେ ହେଲା ଗଣ୍ଠିଆଳ ଫିଟା

**ବରପାଲି,୩।୬(ଡି.ଏନ.ଏ)**

**ବରପାଲି ୧୪୫ତମ ଶୀତଳ ଷଷ୍ଠୀ ଯାତ୍ରା**

ବରଗଡ଼ ଜିଲା ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବରପାଲି ସହର ଶୁକ୍ରବାର ଚଳଚଞ୍ଚଳ ଥିଲା। ସକାଳେ ଭଣ୍ଡାର ଗୃହରେ ଶିବ ପାର୍ବତୀଙ୍କୁ ଅମୃତ ମଣୋହି ଲାଗି ହେବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏହାପରେ କଲେଜ ଛକରେ ପୂର୍ବବର୍ଷର କନ୍ୟା ପିତାଙ୍କ ଦାରା ଗଣ୍ଠିଆଳ ଫିଟା କାର୍ଯ୍ୟକ୍ରମ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଶିବ ପାର୍ବତୀଙ୍କୁ ମାତ୍ର ୨୪ ଘଣ୍ଟା ପାଇଁ ଅଲଗା କରାଯାଏ। କପିଳେଶ୍ୱର ବାବା ଭଣ୍ଡାର ଗୃହକୁ ଆସୁଥିବା ବେଳେ ମାତା ପାର୍ବତୀ ହୀମାଦ୍ରି ନଗର ଯାଇଥିଲେ। ହିମାଦ୍ରି ନଗରବାସୀ ମଧ ଏକ ଭବ୍ୟ ଶୋଭାଯାତ୍ରାରେ ମାତାଙ୍କୁ ନେଇ ଯାଇଥିଲେ। ଏହାପରେ ଉଭୟ ଭଣ୍ଡାର ଗୃହ ଓ ହିମାଦ୍ରି ନଗରରେ ବିବାହର ପ୍ରଥମ ମାଙ୍ଗଳିକ କୃତ୍ୟ ତୈଳାଭିଷେକ କରାଯାଇଥିଲା। ଭକ୍ତମାନେ ଆନନ୍ଦରେ ହଳଦୀ ଲଗାଲଗି ହୋଇଥିଲେ। ସନ୍ଧ୍ୟାରେ ସେମାନେ ଭଣ୍ଡାର ଗୃହରୁ ପ୍ରଥମ ଅଳଙ୍କାର ଧାରଣ ବା ପାଟ ମୁଦି ପାଇଁ ହିମାଦ୍ରି ନଗର ଯାଇଥିଲେ। ରାତି ୧୧ଟାରେ କପିଳେଶ୍ୱର ବାବାଙ୍କୁ ଶତ ଆରତୀ ପରେ ବରାନୁଗମନ ଶୋଭାଯାତ୍ରା ଭଣ୍ଡାର ଗୃହରୁ ବାହାରିଥିଲା। ଶୋଭାଯାତ୍ରା ଭୋର୍ ୫ଟାରେ ହିମାଦ୍ରି ନଗରରେ ପହଞ୍ଚିବା ପରେ ଚଳିତ ବର୍ଷର କନ୍ୟା ମାତାପିତା ମଳୟ କୁମାର ତ୍ରିପାଠୀ ଓ ସବିତା ତ୍ରିପାଠୀଙ୍କ ଦ୍ୱାରା ବାଟ ବରଣ ଓ ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବୈବାହିକ କାର୍ଯ୍ୟ ଆରମ୍ଭ ହୋଇ ଶୁଭଲଗ୍ନରେ ହସ୍ତଗଣ୍ଠି ପଡ଼ିବା କାର୍ଯ୍ୟକ୍ରମ ହୋଇଛି। ବରାନୁଗମନ ଶୋଭାଯାତ୍ରାରେ ଦୁଲଦୁଲି ବାଜା, ଘଣ୍ଟବାଦ୍ୟ, କିନ୍ନର ନୃତ୍ୟ, ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, କୃଷ୍ଣ ଗୁରୁ ଆଦି ଦଳ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ମହାରାଜ ତାରକାସୁର ନଗର ଭ୍ରମଣ ବେଳେ ବିଦ୍ୟୁତ୍ ବିଭାଗ ଓ ପୋଲିସ ପ୍ରଶାସନକୁ ତାଗିଦ କରିଥିଲେ। ନଟରାଜ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ମଣ୍ଡଳ କଟକ, ରଙ୍ଗ ଫଗୁଆ ସମ୍ବଲପୁର, ଢୋଲ ମହୁରୀ ବଲାଙ୍ଗୀର ଓ କଣ୍ଠ ଶିଳ୍ପୀ ପୁଷ୍ପରାଜ ସୁନା ଓ ବେବି ରାଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଧ ରାତ୍ରିରେ ନୀଳକଣ୍ଠେଶର ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା।


ଶ୍ରଦ୍ଧାଳୁମାନେ କପିଳେଶ୍ୱର ବାବାଙ୍କ ବରାନୁଗମନ ଶୋଭାଯାତ୍ରାରେ ଯାଉଛନ୍ତି।

# ଆଞ୍ଚଳିକ ଶୀତଳଷଷ୍ଠୀ ମହୋତ୍ସବର ଦ୍ୱିତୀୟ ଦିବସ

**ଦେଓଗାଁ ,୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପୁରୁଣାପାଣି ଶୁଲିଆପାହାଡ ପାଦଦେଶରେ ୧୮ତମ ଶିବ ବିବାହ ଉପଲକ୍ଷେ ୪ଦିନ ଧରି ଅନୁଷ୍ଠିତ ହେବାକୁଥିବା ଆଞ୍ଚଳିକ ଶୀତଳଷଷ୍ଠୀ ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପରିଚାଳନା କମିଟି ସଭାପତି ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଡିଓ ରାମଦତ୍ତ ଭୋଇ ଓ ମୁଖ୍ୟବକ୍ତା ଭାବେ ଲେଖକ ନବୀନା ବିଶ୍ୱବନ୍ଧୁ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଜରାସିଂହା ସମିତିସଭ୍ୟ ଅମିତ କୁମାର ତ୍ରିପାଠୀ, ମହଲାଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଗୌରଗୋଠ ସରପଞ୍ଚ ରଞ୍ଜିତା ସାହୁ ଯୋଗ ଦେଇଥିଲେ। ସମ୍ପାଦକ ମୟ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲା ତଥା ଜିଲା ବାହାରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶିତ ହୋଇଥିଲା। ଶିବ ବିବାହୋତ୍ସବ ଅବସରରେ ପୁରାଣ ପଠନ ହୋଇଥିଲା। ଚଳିତବର୍ଷ ବିଜୟ କୁମାର ପଧାନଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ମିଶ୍ର ପୂଜା ଦାୟିତ୍ୱ ତୁଲାଉଛନ୍ତି। ବର ପିତାମାତା ଭାବେ ମୟ ପ୍ରଧାନୀ ଓ ସତ୍ୟବତୀ ପ୍ରଧାନୀ ଏବଂ କନ୍ୟା ପିତାମାତା ଭାବେ ମହିମୁଣ୍ଡାର ରୋହିତ ପୁଟେଲ ଓ ଯଶୋବନ୍ତୀ ପୁଟେଲ ଦାୟିତ୍ୱ ନିର୍ବାହ କରୁଛନ୍ତି। ମହୋତ୍ସବରେ ଉପ-ସଭାପତି ରଘୁ ଅରକ୍ଷିତ ବିଶ୍ୱାଳ, ପ୍ରଫୁଲ୍ଲ ଦାଶ,ସହ-ସମ୍ପାଦକ ଅନନ୍ତ ଚୌହାନ, ବିଜୟ କୁମାର ପଧାନ, ଶ୍ରୀପତି ପ୍ରଧାନ, ପ୍ରଦୀପ ନାଏକ, ବିବେକାନନ୍ଦ ସାହୁ, ମନବୋଧ ହରପାଲ, ସୁବାଷ ନାଏକ,ସୁଦର୍ଶନ ପଧାନ,ଶରତ ନାଏକ, ଲୋଚନ ହେର୍ଣ୍ଣା,ପରମେଶ୍ୱର ନାଏକ,ବିଶ୍ୱଜିତ ପାତ୍ର, କୈଳାଶ ତାଣ୍ଡି, ସମିର ସାହୁ ତଥା ପୁରୁଣାପାଣି ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।

## ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ

**ଦେଓଗାଁ,୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ପାଟଣାଗଡ ରେଞ୍ଜ ବନ୍ଧପଡା ଜଙ୍ଗଲ ବିଭାଗ ସେକସନ ଅନ୍ତର୍ଗତ ଦେଷଣ୍ଡ ଗ୍ରାମରେ ଜଙ୍ଗଲ ବିଭାଗ ତରଫରୁ ଚଢାଉ ହୋଇଛି। ଉକ୍ତ ଗ୍ରାମର ଜଗଦୀଶ ମେହେର ବେଆଇନ ଭାବେ ଜଙ୍ଗଲରୁ ଗଛକାଟି ଚୋରାଚାଲାଣ କରିବା ସହ କାଠ ସାମଗ୍ରୀ ତିଆରି କରି ବାହାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଚଢାଉ କରି ତାଙ୍କ ଘରୁ ଶାଗୁଆନ, ଶାଳ ଗଛର ପଟ୍ଟା ଏବଂ ଫର୍ନିଚର ତିଆରି ସାମଗ୍ରୀ ଜବତ କରିଥିବା ଜଣାପଡିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଏଫଓ ନୀତିଶ କୁମାର ସୂଚନା ଦେଇଛନ୍ତି। ଚଢାଉରେ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଫରେଷ୍ଟର ଗୁରାଣ୍ଡି ପରିଡା, ସତ୍ୟବାନ ମାଝୀ, ନବ କିଶୋର ଦାସ,ଶ୍ୟାମ ସୁନ୍ଦର ସାହୁ, ଫରେଷ୍ଟ ଗାର୍ଡ ଗୋବିନ୍ଦ ପାତ୍ର, ସୁନ୍ଦର ରାମ ସାଏ, ନୀଲୁ ବରିହା, ଉମାବତୀ ଭୁଏ, ବିଶ୍ୱନାଥ ସାହୁ ପ୍ରମୁଖ ସାମିଲ ଥିଲେ।

## ହାଟପଦାରେ ହେବ କଲ୍ୟାଣ ମଣ୍ଡପ


କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜାଗା ପରିଦର୍ଶନ।

**ବରଗଡ଼ ଅଫିସ୍,୩।୬:** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୩ ହାଟପଦାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ପରିତ୍ୟକ୍ତ ଏବଂ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବା ପୁରୁଣା ମ୍ୟୁନିସିପାଲିଟି ସ୍କୁଲରେ ଏଥିପାଇଁ ଜାଗା ଚିହ୍ନଟ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ଥାନୀୟ କାଉନସିଲର ରାଜକିଶୋର ଦାଶ, ଉଦ୍ଧବ ଡାଙ୍ଗ, କିଶୋର ମଲ୍ଲିକ ପ୍ରମୁଖ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ଲୋକେ ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ରାଜ୍ୟସଭା ସଦସ୍ୟ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି।

## ଅଲଟ୍ରାସାଉଣ୍ଡ୍ ମେଶିନ ଅଚଳ


ମେଶିନ ଅଚଳ ଯୋଗୁ ଅଲଟ୍ରାସାଉଣ୍ଡ କକ୍ଷ ଖାଲି ପଡ଼ିଛି।

**ବରଗଡ଼ ଅଫିସ୍,୩।୬:** ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଅସମାହିତ ହୋଇ ପଡ଼ିଛି। ଏଠାରୁ ଖେଦାପାଲିକୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ଏଠାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁସୁଡ଼ି ପଡ଼ିଛି। ଡାକ୍ତର ଅଭାବ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ନିରାମୟ ମଧ୍ୟ ଅଧିକାଂଶ ସମୟ ବନ୍ଦ ରହୁଛି। ଅନ୍ୟପଟେ ଏଠାରେ ଥିବା କ୍ୟାମ୍ପସ ମେଡ଼ିକାଲ ଷ୍ଟୋର ମଧ୍ୟ ବନ୍ଦ ହୋଇ ପଡ଼ିଛି। ଦୀର୍ଘଦିନ ହେଲା ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ମେଶିନ ଅଚଳ ଅବସ୍ଥାରେ ରହିଛି। ଫଳରେ ଏଠାକୁ ଆସୁଥିବା ରୋଗୀଙ୍କ ସମେତ ଗର୍ଭବତୀଙ୍କୁ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ଅଲଟ୍ରାସାଉଣ୍ଡ ମେଶିନକୁ ଅତିଶୀଘ୍ର ମରାମତି କରାଯାଇ ରୋଗୀଙ୍କୁ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

**DIRECTORATE OF MINES, ODISHA**
**BHUBANESWAR**
**CORRIGENDUM**

No. G-11: In the Auction Sale Notice published in the Odia Daily Newspaper **'The Samaja'** & **'The Dharitri'** on 03.06.2022, the following changes/modifications has been made:
1. The Date '03.04.2022' appearing in the table of the notice under (D.O.R.) may be read as '03.04.2002' instead of '03.04.2022'.
2. The words 'Director of Geology' appearing in the last paragraph of the Notice may be read as 'Director of Mines' instead of 'Director of Geology'.

**Sd./- Director of Mines, Odisha**
**Bhubaneswar**
**OIPR-30004/11/0012/2223**

GOVERNMENT OF ODISHA
**Fisheries & Animal Resources Development Department**
**Odisha Secretariat, Bhubaneswar**
**QUOTATION CALL NOTICE**

Advertisement No. Dt.
**No.M-13:** Sealed Quotations/ Tenders are invited from interested Travel Agencies/ Tour Operators/ Private Individuals with valid GST registration for providing one number of AC (Petrol) Swift Dzire/Xcent Driven Vehicle including the Driver for official use in Fisheries & ARD Department, Odisha Secretariat, Bhubaneswar on monthly rent basis. The date & time for submission of the Sealed Tenders is latest by 20.06.22 up to 11.00 AM by Registered Post/ Speed Post/ In person. For details, visit the 'All Tenders Link' of Government of Odisha Website **"http://www.odisha.gov.in"**.

**Under Secretary to Government**
**Fisheries & ARD Department**
**OIPR-06001/11/0003/2223**

**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DkI (R&B) 03/2022-23**
**Email Id- sedklpwd@gmail.com**
**Letter No.1293/Dt.31.05.2022**

**No.B-255:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:

| | | |
|---|---|---|
| 1. Name of the work | : | Building works |
| 2. No. of works | : | 05 (Five) Nos. |
| 3. Estimated Cost | : | Rs.1,10,92,635/- to Rs.8,86,52,712/- (as given in column No. 03 of table) |
| 4. Cost of tender paper | : | Rs 10,000.00 |
| 5. Class of contractor | : | 'B', 'A', 'Special' & 'Super' Class (as given in column No. 06 of table) |
| 6. Period of Completion of work | : | 07(Seven) & 11 (Eleven) Calendar months (as given in column No. 07 of table) |
| 7. Date and time of availability of bid Document in the website | : | From Dt. 09.06.2022 to 5.30 P.M. of Dt.23.06.2022 |
| 8. Date of opening of bid | : | Dt. 24.06.2022 at 11.30 hours |

The bidders have to participate in ONLINE bidding only further details can be seen from the e-procurement portal: www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0008/2223**

omfed
www.omfed.com
**The Odisha State Cooperative Milk Producers' Federation Ltd.**
D-2, SAHID NAGAR, BHUBANESWAR-751007
Ph No- 2546030/2540273/2540417
Fax No (0674)2540974 No.CAD-705

**TENDER CALL NOTICE FOR SALE OF EQUIPMENTS**
OMFED invites sealed techno-commercial offers from purchaser/buyers of the dairy equipment's for **"Purchasing the fully functional 5 (five) Metric Ton powder plant equipment of Bhubaneswar Dairy under OMFED, Chandrasekharpur, Dist.-Khurda, State-Odisha"**. Tender documents will be available from **04/06/2022 to 27/06/2022 up to 1.00 PM** at the above mentioned address & can also be downloaded from website & submit their offers in the aforesaid address on or before **27/06/2022 at 2.00 PM.** The offers shall be opened on dtd. **27/06/2022 at 5:00 PM.** The corrigendum / amendment to this notice if any shall be published only in the OMFED website www.omfed.com.Management reserves the right to accept or reject any or all the bid documents or part thereof without assigning any reason. For details please visit our website www.omfed.com.
OIPR-06063/11/0029/2223 Sd./- Managing Director, OMFED

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

No. CAD-694
**TENDER ALERT**
1) **Tender Call Notice No.06/BBS/2022-23:** Stub repairing and recouping at different locations of 132kV Khurda-Puri SC Line under EHT O&M Circle, Bhubaneswar.
2) **Tender Call Notice No.04/2022-23:** Construction of water hydrant system for earth pits at 220/33 kV Grid S/S, Balimela under EHT O&M Division, Malkangiri.
3) **Tender Call Notice No.03/2022-23:** PCC and re-metalling of 132 kV MCL-I, MCL-II, TRF-II Bay and B/C Bay in 132kV Switchyard area at 132/33 kV Grid S/S, Angul under EHT O&M Circle Chainpal.
For more details please visit OPTCL's website: **www.optcl.co.in.**
**OIPR-04011/11/0034/2223** **FIPR-15/2022-23**

idco Your power to grow ISO 9001 & 14001
**Odisha Industrial Infrastructure Development Corporation**
**SHORT TENDER CALL NOTICE**
**IDCO/HO-MIS/A-10070/01/2022/V-1/3740** **Dt.31.05.2022**
**No.CAD-695:** IDCO Providing, Switching and maintaining the email IDs of IDCO from free G-Suite Legacy edition to Google Workspace Business Starter subscription for 300 users license". The table below is indicating the Cost of Tender Paper and EMD for the work. The interested bidders can download the documents from IDCO website from dt.09.06.2022 to dt. 18.06.2022 up to 5.00 P.M. Response to the bid should be sent by Registered Post/ Speed Post only so as to reach the Dy. General Manager (MIS), IDCO, IDCO Towers, Janpath, Bhubaneswar-22 on or before dt.20.06.2022 up to 5.00 P.M.

| Sl. No. | Name of the Work | Cost of Tender Paper (Rs.) | Estimated Amount (Rs.) | Date of Opening |
|---|---|---|---|---|
| 1 | Providing, Switching and maintaining the email IDs of IDCO from free G-Suite Legacy edition to Google Workspace Business Starter subscription for 300 users license | 7,080.00 | 7,56,000.00 | Dt.21.06.2022 upto 11.30 A.M. |

For details, please contact to on 0674-2540043 during office hours. For further assistance, please email to **mis@idco.in.**
**Sd./- Dy. General Manager (MIS)**
**OIPR-14003/11/0055/2223**

**CITY HEALTH SOCIETY, SAMBALPUR**
**Advt. No.324/2022** **Date: 07 /03/2022**
**Walk in interview for empanelment of Medical Officer & part time specialist**
**No.E-191:** Walk in interview for empanelment of Medical Officer and different part time specialists for UPHC/U-HWC/Poly Clinic to be engaged under NUHM, SMC, Sambalpur will be held on 21.3.2022(11.00 AM) at Office Chamber of CDM&PHO, DHH, Sambalpur. The interested eligible candidates can log on to www.sambalpur.nic.in. for details of eligibility criteria, age, application form etc. The authority reserves the right to cancel any or all application without assigning any reason thereof.
**Sd./- Additional District Public Health Officer**
**CHS, NUHM,Sambalpur**
**OIPR-10169/11/0003/2223**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JEYPORE**
**e-mail- mijeypore@yahoo.co.in,Phone-06854-231104**
**AUCTION NOTICE MIDJEY-03/2022-23 DATED 27.05.2022**
**No.E-293:** **No.926, Dtd.27.05.2022**

| | | |
|---|---|---|
| Name of Work | : | Auction sale of condemned/ Unserviceable (T & P)/ Surplus and Scrap Materials. |
| No. of items | : | 104 Items |
| Upset Price | : | 1,41,203/- |
| Cost of tender paper | : | 600.00 |
| Time for receipt of Bid | : | **From 10.00 hours of 10.06.2022 to 24.06.2022 up to 17.00 Hours** |
| Date of opening | : | **27.06.2022 at 11.00 A.M.** |
| Name & Address of the OIT | : | Office of the Executive Engineer Minor Irrigation Division, Jeypore |

The details are available in office of the Executive Engineer, M.I. Division, Jeypore during office hour.
**Sd./- Executive Engineer**
**M.I. Division, Jeypore**
**OIPR-32374/11/0003/2223**

PHDMA
**POVERTY & HUMAN DEVELOPMENT MONITORING AGENCY (PHDMA)**
**Planning & Convergence Department**
**Date: 03.06.2022**
**NOTICE**
**REQUEST FOR PROPOSAL (RFP)**
**Selection of Agency for Providing Services of Theme-based Professionals for Monitoring & Evaluation in Human Development Perspective**

No. X-6: Poverty & Human Development Monitoring Agency (PHDMA), Planning & Convergence Department, Government of Odisha invites sealed proposals from eligible bidders to carry out **"Selection of Agency for providing services of Theme-based Professionals for Monitoring & Evaluation in Human Development Perspective"**. Bidders fulfilling the prescribed eligibility criteria of the RFP can access and download the complete RFP Document including other details from the website i.e. **https://www.odisha.gov.in** and **http://www.phdma.odisha.gov.in**.
The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 04.06.2022 |
| 2 | Last Date for Submission of Bid | 20.06.2022 |
| 3 | Date of Opening of Technical Bid | 22.06.2022 |
| 4 | Date of Opening of Financial Bid | 27.06.2022 |

The proposal complete in all respects must reach the undersigned by **Speed Post/Registered Post** only latest by **20.06.2022 before 5.00 P.M.** in a sealed envelope clearly mentioning on the top of it **"REQUEST FOR PROPOSAL - SELECTION OF AGENCY FOR PROVIDING SERVICES OF THEME-BASED PROFESSIONALS FOR MONITORING & EVALUATION IN HUMAN DEVELOPMENT PRESPECTIVE"**. The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

**Address for Submission of Proposal:**
**Member Secretary**
**Poverty & Monitoring Agency (PHDMA)**
**Planning & Convergence Department,**
**Lokaseva Bhavan, Bhubaneswar**
**PIN - 751001, Odisha**
**Sd./- Member Secretary, PHDMA**
**OIPR-21016/11/0003/2223**